**ସରିଥିଲା ନିର୍ବନ୍ଧ**

## ବାଇକ୍ ଆରୋହୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

**ଖଲ୍ଲିକୋଟ,୨୦ ।୩(ସମିସ):** ନିର୍ବନ୍ଧ ସରିଥିଲା । ଆଉ ଦିନ କେଇଟା ପରେ ବେଦି ଉପରେ ବସି ବିବାହ କରିଥାନ୍ତେ । ହେଲେ ବିଧି ବିଧାନ ଥିଲା ଭିନ୍ନ । ବିବାହ ବେଦିକୁ ଯିବା ଆଗରୁ ମୃତ୍ୟୁ କୋଳେଇ ନେଇଛି ଯୁବକଙ୍କୁ । ବୁଧବାର ବାଇକ ଯୋଗେ ଯାଉଥିବାବେଳେ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ ନିକଟରେ ବୁଧବାର ଅପରାହ୍ନରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏଥିରେ ଭେଜିପୁଟ ଓଡ଼ିଆ ସାହିର କୁଳମଣି ନାୟକ (୩୧)ଙ୍କ ମୃତ୍ୟୁ ଘଟିଛି । ସେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖଲ୍ଲିକୋଟ ଶାଖାରେ ସର୍ଭିସ ପ୍ରୋଭାଇଡର କର୍ମଚାରୀ ଭାବେ କାମ କରୁଥିଲେ । ବୁଧବାର ଅପରାହ୍ନରେ ଏକ ବୁଲେଟ ଗାଡି ନମ୍ବର କେଏଲ ୦୯ ଏଏସ ୮୯୩୪ ଯୋଗେ ଭେଜିପୁଟରୁ ଖଲ୍ଲିକୋଟ ବ୍ୟାଙ୍କକୁ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ନମ୍ବର ଏପି ୧୬ ଟିଇ ୪୧୪୭ ଗୁରାପଲ୍ଲୀ ଟୋଲ ଗେଟ ନିକଟରେ ତାଙ୍କ ବୁଲେଟ ଉପରେ ମାଡି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ କୁଳମଣିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଭେଜିପୁଟ ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରି ଖଲ୍ଲିକୋଟ ମେଡିକାଲକୁ ପଠାଇଥିଲେ ।

## ୱାରେଣ୍ଟ ବଳରେ ଜଣେ ଗିରଫ

**ରଙ୍ଗେଇଲୁଣ୍ଡା,୨୦ ।୩(ସମିସ):** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜାମିନ ବିହୀନ ଗିରଫ ପାରୱାନା ବଳରେ ୮ଟି ମାମଲାରେ ସ୍ଥାନୀୟ ଥାନା ପୋଲିସ ଯୁବକକୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ କୁସୁମୀ ଗ୍ରାମ ପଙ୍କଜ ଗୌଡ଼ (୪୦) । ସୂଚନା ଅନୁସାରେ ପଙ୍କଜ ବିଭିନ୍ନ ସଂଗୀନ ଅପରାଧରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସେ ପରବର୍ତ୍ତୀ ସମୟରେ କୋର୍ଟରୁ ଜାମିନରେ ଆସିଥିଲେ । ହେଲେ କୋର୍ଟ ବିଚାରଣା ସମୟରେ ପଙ୍କଜ ଅନୁପସ୍ଥିତ ରହୁଥିଲେ । ତେଣୁ କୋର୍ଟ ପଙ୍କଜ ବିରୋଧରେ ଜାମିନ ବିହୀନ ଗିରଫ ପାରୱାନା ଜାରି କରିଥିଲେ । ପଙ୍କଜ ବଡ଼ କୁସୁମୀ ଗ୍ରାମରେ ଥିବାର ଖବର ପାଇଁ ମଙ୍ଗଳବାର ବିଳମ୍ବିତ ରାତିରେ ପୁଲିସ ସେଠାରେ ଚଡାଉ କରି କାବୁ କରିଥିଲେ । ବୁଧବାର ତାଙ୍କୁ କୋର୍ଟଚାଲାଣ କରିଛି ।

## ବିଶ୍ୱ ପଖାଳ ଦିବସ ପାଳିତ




**କବିସୂର୍ଯ୍ୟନଗର,୨୦ ।୩(ସମିସ):** ଓଡ଼ିଆ ଜାତିର ଏକ ଅନନ୍ୟ ବିଶେଷତ୍ୱ ହେଉଛି ପଖାଳ । ଯେତେ ଯାହା ଖାଇଲେ ବି ପଖାଳ ଟିକେ ଖାଇଦେଲେ ମନକୁ ଶାନ୍ତି ଓ ତୃପ୍ତି ମିଳିଥାଏ । ଖରାଦିନ ହେଉ ଅବା ଅନ୍ୟଦିନ, ଗରିବ ହେଉ ବା ଧନୀ ସମସ୍ତଙ୍କ ଲୋଡ଼ା ପଖାଳ କଂସା । ଏହି କ୍ରମରେ ବିଶ୍ୱ ପଖାଳ ଦିବସ ଅବସରରେ ବୁଧବାର ସକାଳୁ କବିସୂର୍ଯ୍ୟନଗର ଠାରେ ଆରମ୍ଭ ହୋଇଯାଇଥିଲା ପଖାଳ ପ୍ରସ୍ତୁତି । ବିଭିନ୍ନ ପ୍ରକାର ପ୍ରସ୍ତୁତ ହୋଇଥିବା ଖାଦ୍ୟକୁ ସମସ୍ତେ ଏକାଠି ବସି ଖାଇବାର ଆନନ୍ଦ ଉଠାଇଥିଲେ । ପ୍ରଫୁଲ୍ଲ ସାହୁ, ବିକଳ ସ୍ୱାଇଁ, ବ୍ରହ୍ମାନନ୍ଦ ଆଚାରୀ, ଗନ୍ତାୟତ ସ୍ୱାଇଁ, ପ୍ରହଲ୍ଲାଦ ସାହୁ, ଦୟାନିଧି ପଲତା, ଗୋବର୍ଦ୍ଧନ ଗୌଡ଼ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ୨୦ କେଜି ଗଞ୍ଜେଇ ଜବତ, ଦୁଇ ବାଇକ୍ ସହ ୩ ଗିରଫ



**ଦାରିଙ୍ଗବାଡି,୨୦।୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୁଲିସ ପକ୍ଷରୁ ଚଢଉ କରାଯାଇ ୨୦ କିଲୋ ଗଞ୍ଜେଇ ଜବତ କରାଯିବା ସହ ୨ ବାଇକ୍ ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଗିରଫ ୩ ଜଣ ହେଲେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ମୂର୍ଗାପଲ୍ଲୀ ଗ୍ରାମର ତ୍ରୀଲୋକ ନାଥ ପାଣିଗ୍ରାହୀ, କ୍ରିଷ୍ଣା ପାଣିଗ୍ରାହୀ ଓ ରାଇକିଆ ଥାନା ବଡବାର୍ବା ଗ୍ରାମର ବଚନ ନାୟକ । ଏହି ୩ ଜଣ ୨ ବାଇକରେ ଦାରିଙ୍ଗବାଡି ଥାନା ଅଞ୍ଚଳରୁ ବ୍ରହ୍ମପୁରକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ସିମନବାଡ଼ିରେ ଚଢଉ କରିଥିଲେ । ଚଢଉ ବେଳେ ପୁଲିସ ୨୦ କିଲୋ ଗଞ୍ଜେଇ ସହ ୨ ବାଇକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା । ପୁଲିସ ଏନେଇ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଏସଆଇ ଲକ୍ଷ୍ମୀ ମାଝୀ କରୁଛନ୍ତି ।

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ବ୍ରହ୍ମପୁର,୨୦ ।୩(ସମିସ):** ସ୍ଥାନୀୟ ବୁରୁକୁଦି ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ନିମଖଣ୍ଡି ଥାନା ପୁଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ବୁରୁକୁଦି ଧୋବାସାହିର ସୁନୀଲ ସେଠୀ(୨୯) । ସୂଚନାପ୍ରକାରେ, ସୁନିଲ କିଛିବର୍ଷ ପୂର୍ବେ ଗୋଷାଣିନୂଆଗାଁର ଅନୀତା ସେଠୀଙ୍କୁ ବିବାହ କରିଥିଲେ । ଉଭୟଙ୍କ ଗୋଟିଏ ପୁଅ ରହିଛି । ହେଲେ ବିବାହ ପରଠାରୁ ଅଭିଯୁକ୍ତ ସୁନୀଲ ଅଧିକ ଯୌତୁକ ଦାବି କରି ଆସୁଥିଲେ । ଏପରିକି ଅନୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଗତ ୧୮ ତାରିଖରେ ଅନୀତାଙ୍କ ମୃତ୍ୟୁ ହୋଇଥିବା ନେଇ ସୁନୀଲ ତାଙ୍କ ବାପଘର ଲୋକଙ୍କୁ ଜଣାଇଥିଲେ । ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ତେବେ ଅନୀତାଙ୍କ ବାପଘର ଲୋକେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ଏନେଇ ଅନୀତାଙ୍କ ଭାଇ ଭିକାରୀ ସେଠୀ ନିମଖଣ୍ଡି ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟାମମାଲା ରୁଜୁ କରିଥିଲା । ବୁଧବାର ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।



**ଦାରିଙ୍ଗବାଡ଼ିରେ ୬୬ମିମି ବର୍ଷା**

## କାଳବୈଶାଖୀରେ ଭାଙ୍ଗିଲା ଘର



**ଦାରିଙ୍ଗବାଡି,୨୦।୩(ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଜାରି ରହିଛି । ରାଜ୍ୟର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ସର୍ବାଧିକ ୬୬ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ଷା ଯୋଗୁଁ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଅନେକ ସ୍ଥାନରେ ଆଜି ଘଡ଼ଘଡ଼ି ବର୍ଷା ହେବା ସହିତ ଘନ କୁହୁଡି ହୋଇ ମେଘୁଆ ପାଗ ରହିଛି । ସେହିପରି ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ କାଳବୈଶାଖୀ ଘୂର୍ଣ୍ଣିଝଡ଼ ବର୍ଷା ହୋଇଛି । କାଳବୈଶାଖୀରେ ଗ୍ରୀନବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାମାଲା ଗ୍ରାମ ସିଙ୍ଗେରପଦ ସାହିର ମାୟାଧର ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ବର୍ଷା ଝଡ଼ିରେ ଘରର ସମସ୍ତ ଆସବାପତ୍ର ସହିତ ଖାଦ୍ୟ ଶସ୍ୟ ନଷ୍ଟ ହୋଇଯାଇଛି । ଘରର କ୍ଷୟକ୍ଷତି ସମ୍ପର୍କରେ ମାୟାଧର ପ୍ରଧାନ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି ।ପ୍ରଶାସନ ପକ୍ଷରୁ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଡଙ୍ଗାମାଲା ଗ୍ରାମବାସୀଙ୍କ ଦାବି କରିଛନ୍ତି ।

## ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ବାଚନ କାର୍ଯ୍ୟ ସମୀକ୍ଷା



**କୋଦଳା,୨୦ ।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ନେଇ ବୁଧବାର ବେଗୁନିଆପଡା ବ୍ଲକ ପରିସରରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ତଥା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ପ୍ରମୋଦ ପୃଷ୍ଟି । ସେ ବିଭିନ୍ନ ବୁଥ ବୁଲି ଦେଖିବା ସହ କିପରି ଶୃଙ୍ଖଳିତ ଭାବେ ମତଦାନ କରାଯାଇ ପାରିବ ସେ ବିଷୟରେ ସଚେତନ କରିଥିଲେ । ଏଥିସହ ଏହି ବ୍ଲକ ଅନ୍ତର୍ଗତ ଖଣ୍ଡିଆନଇ ଗ୍ରାମର ୧୯୭ ବୁଥରେ ୧୫୪୮ ଜଣ ଭୋଟର ଥିବାରୁ ନିର୍ବାଚନ ନିୟମ ପ୍ରକାରେ ଓ ଶୃଙ୍ଖଳିତ ମତଦାନ ଦୃଷ୍ଟିରୁ ଦୁଇଟି ବୁଥ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ଖଣ୍ଡିଆନଇ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୯୭ ବୁଥ ବିଦ୍ୟାଳୟର ପୂର୍ବପଟ କକ୍ଷରେ କରାଯାଇ ଭୋଟର ତାଲିକାର ଏକ ଠାରୁ ୭୫୫ ପର୍ଯ୍ୟନ୍ତ ଭୋଟର ମତଦାନ କରିବେ । ସେହିପରି ୧୯୭କ ବୁଥରେ ଭୋଟର ତାଲିକାର ୭୫୬ ଠାରୁ ୧୫୪୮ ପର୍ଯ୍ୟନ୍ତ ଭୋଟର ମତଦାନ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା । ଏଥିପାଇଁ ସମସ୍ତେ ସହଯୋଗ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏଥିରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଜିପିଡିଓ ଅଶୋକ କୁମାର ଜେନାଙ୍କ ସମେତ ଜନ ସାଧାରଣ ଉପସ୍ଥିତ ଥିଲେ ।

## ଚଳନ୍ତା ଟ୍ରେନ୍‌ରୁ ଖସି ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ଫୁଲବାଣୀ,୨୦।୩(ସମିସ):** ଆନ୍ଧ୍ରପ୍ରଦେଶ ବିଜୟନଗରମରେ ଟ୍ରେନରୁ ଖସିପଡି ସ୍ଥାନୀୟ ନଦୀଖଣ୍ଡି ସାହିର ଯୁବ ବ୍ୟବସାୟୀ ମୋହନ ସାହୁ(୪୨)ଙ୍କ ମୃତ୍ୟୁ ହୋଇଛି । ମୋହନ ତାଙ୍କ ବାପା ଓ ପରିବାର ସହ ତିରୁପତି ବୁଲିବା ପାଇଁ ଯାଇଥିଲେ । ରବିବାର ଦିନ ବୁଲାବୁଲି ସାରି ଟ୍ରେନ୍ ଯୋଗେ ଫେରୁଥିଲେ । ସୋମବାର ମଧ୍ୟରାତ୍ରିରେ ସମସ୍ତେ ଶୋଇଥିବା ବେଳେ ମୋହନ ପରିସ୍ରା କରିବା ପାଇଁ ଟ୍ରେନର ଶୌଚାଳୟକୁ ଯାଇଥିଲେ । ଶୌଚାଳୟରୁ ବାହାରି ନିଜ ବର୍ଥକୁ ଫେରିବା ବାଟରେ ଗେଟ ପାଖରେ ପଡିଥିବା ପାଣିରେ ତାଙ୍କର ଗୋଡ ଖସିଯିବାରୁ ସେ ଟ୍ରେନ୍ ବାହାରକୁ ଖସି ପଡିଥିଲେ । ଫଳରେ ଟ୍ରେନର ଟ୍ରାକ୍ ଭିତରେ ପଡି ଯାଇଥିଲେ । ଏହାଦ୍ୱାରା ତାଙ୍କ ସମ୍ପୁର୍ଣ୍ଣ ଶରୀର ଖଣ୍ଡଖଣ୍ଡ ହୋଇଯାଇଥିଲା । ପରେ ପରିବାର ଲୋକେ ତାଙ୍କୁ ନ ଦେଖି ଖୋଜାଖୋଜି କରିଥିଲେ । ସେତେବେଳକୁ ଟ୍ରେନଟି ପ୍ରାୟ ୭୦ କିମି ଆଗକୁ ଚାଲିଯାଇଥିଲା । ପରିବାର ଲୋକେ ଟ୍ରେନକୁ ଅଟକାଇ ଖୋଜାଖୋଜି କରିବା ପରେ ମୋହନ ବିଜୟନଗରମ ନିକଟରେ ପଡି ରହିଥିବା ସୂଚନା ମିଳିଥିଲା । ରେଳବାଇ ପୁଲିସକୁ ଖବର ଦିଆଯିବାରେ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ବୁଧବାର ପରିବାରକୁ ହସ୍ତାନ୍ତର କରିଛି । ମୋହନ ଜଣେ ମେଳାପୀ ଓ ମିଷ୍ଟଭାଷୀ ଯାବ ବ୍ୟବସାୟୀ ଥିଲେ । ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ପରିବାର ସମେତ ନଦୀଖଣ୍ଡି ସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆଦର୍ଶ ଥାନା ପରିସରରେ ମହିଳା ଓ ଶିଶୁ ଡେସ୍କ ବୈଠକ



**ପାରଳାଖେମୁଣ୍ଡି, ୨୦ ।୩ (ସମିସ):** ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରେ ମହିଳା ଓ ଶିଶୁ ଡେସ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ଆଇ କୌତୁକ ସେଠୀଙ୍କ ସମେତ ତଥା ମହିଳା ଓ ଶିଶୁ ଡେସ୍କର ସଭ୍ୟ ଭାଗବତ ପାଢୀ ଓ ସଭ୍ୟା ଭାଗ୍ୟଲକ୍ଷ୍ମୀ ନାୟକ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟତଃ ଗଜପତି ଜିଲ୍ଲାରେ ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଏଥି ସହ ଶିଶୁ ଅଧିକାର ଓ ଆଇନ ଉପରେ ବିସ୍ତୃତ ତର୍ଜମା କରା ଯାଇଥିଲା । ଆଗାମୀ ଦିନରେ ପାରଳାଖେମୁଣ୍ଡିରେ ଏ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଚାଳକକୁ କୋର୍ଟ ଚାଲାଣ

**ଜି.ଉଦୟଗିରି,୨୦ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ ମାଲାନସୁଗାରେ ମଙ୍ଗଳବାର ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଚାଳକକୁ ବୁଧବାର କୋର୍ଟଚାଲାଣ କରାଯାଇଛି । ଲୁହା ରଡ ବୋଝେଇ ପିକଅପ ଭ୍ୟାନ ସିଲକି ସଫାରି ମିନି ବସକୁ ସମ୍ମୁଖରୁ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଦୁର୍ଘଟଣା ଘଟାଇଥିବା ପିକଅପ ଚାଳକ ଦିନେଶ କୁମାର ସାହୁ (୨୯)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ଘର ଢେଙ୍କାନାଳ ବୋଲି ଜଣାପଡିଛି ।ପୁଲିସ ଗାଡିକୁ ଜବତ କରିଛି । ମିନିବସ୍ ଚାଳକ ମୃତ ଆଦିକନ୍ଦ ପଣ୍ଡାଙ୍କ ଶୋକାକୁଳ ପରିବେଶ ରେ ଜି. ଉଦୟଗିରି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି ।

## ଫୁଲବାଣୀ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବୃଦ୍ଧି

**ଫୁଲବାଣୀ,୨୦।୩(ସମିସ):** ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବୃଦ୍ଧି ହୋଇଛି । ୟୁଜିସିର ନିର୍ଦ୍ଦେଶ ଅନୁସାରେ ଏ ନେଇ ଚିଠି କରିଛନ୍ତି ବ୍ରହ୍ମପୁର ବିଶ୍ୱାବିଦ୍ୟାଳୟ କର୍ତ୍ତୃପକ୍ଷ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ପତ୍ର ଅନୁସାରେ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶିକ୍ଷାବର୍ଷ ୨୦୨୩-୨୪ ଶିକ୍ଷା ବର୍ଷ ଠାରୁ ୨୦୨୭-୨୮ ଶିକ୍ଷା ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରକାଶଯୋଗ୍ୟ, ଯେ କିଛି ମାସ ପୂର୍ବରୁ ନାକ ଟିମ ଦ୍ୱାରା ମହାବିଦ୍ୟାଳୟକୁ ବି ଗ୍ରେଡ ମାନ୍ୟତା ମିଳିଥିଲା । ନାକ ଓ ୟୁଜିସି ଦ୍ୱାରା ଉଭୟ ମାନ୍ୟତା ପାଇବା ପରେ ଛାତ୍ର ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି । ବହୁ ପୂର୍ବରୁ ୟୁଜିସି ପାଖରେ ପଡି ରହିଥିବା ବହୁ ସମସ୍ୟାର ମଧ୍ୟ ସମାଧାନ କରିବାରେ ସକ୍ଷମ ହୋଇଛନ୍ତି କଲେଜ କର୍ତ୍ତୃପକ୍ଷ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପୁରାତନ ଛାତ୍ର ସଂଗଠନ ଓ ବ୍ୟକ୍ତି ବିଶେଷଙ୍କର ପରିଶ୍ରମ ଯୋଗୁଁ ଏ ସଫଳତା ମିଳିପାରିଛି ବୋଲି କହିଛନ୍ତି ମହାବିଦ୍ୟାଳୟର ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ । ସମସ୍ତ କର୍ମଚାରୀ, ପୁରାତନ ଛାତ୍ର ସଂଗଠନ, ଜନସାଧାରଣଙ୍କୁ ସାଧୁବାଦ ଜଣାଇଛନ୍ତି ଅଧକ୍ଷ । ତେବେ ମହାବିଦ୍ୟାଳୟରେ ଖାଲିଥିବା ପଦ ରାଜ୍ୟ ସରକାର ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଛି ।



## ଘରୋଇ ଟେଲିକମ୍ କମ୍ପାନୀର ମନମୁଖି ଶାସନ

**ରମ୍ଭା,୨୦ ।୩(ସମିସ):** ଭାରତର ଅଗ୍ରଣୀ ଘରୋଇ ଟେଲିକମ୍ କମ୍ପାନୀ ମାନେ ରମ୍ଭା ଅଞ୍ଚଳର ଗ୍ରାହକଙ୍କୁ ହତାଦର କରୁଥିବା ଅଭିଯୋଗ ହେଉଛି । ଉକ୍ତ କମ୍ପାନୀ ଗୁଡ଼ିକ ରମ୍ଭା ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରୁଥିଲେ ମଧ୍ୟ କାର୍ଯ୍ୟାଳାୟ ପକ୍ଷରୁ ଗ୍ରାହକ ଦିବସ ପାଳନ କରିବା ପାଇଁ ସିଥିଳତା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଗ୍ରାହକଙ୍କୁ ସାମ୍ନା କରିବା ପଦପଦପି ତଥା ଏସିରେ ରହୁଥିବା ବାବୁ ମାନେ ଗ୍ରାହକଙ୍କ ସହିତ ସିଧା ସଳଖ ମତ ବିନିମୟ ହେଲେ ଅଭାବ ଅସୁବିଧା ଦୂର ସାଙ୍ଗକୁ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ ବୋଲି ଆଲୋଚନା ହେଉଛି । ଗ୍ରାହକଙ୍କ ମନୋଭାବ ବୁଝିବା, ସେମାନଙ୍କ ଚିନ୍ତା ଓ ପରାମର୍ଶକୁ ଜାଣିବା ଲାଗି କମ୍ପାନୀର "ଗ୍ରାହକ ଦିବସ' ରହିଅଛି । ହେଲେ ଏହି ଅଞ୍ଚଳର ଡିଷ୍ଟ୍ରିବୁଟର, ଡିଲର ମାନଙ୍କ ଅଫିସରଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ଗ୍ରାହକଙ୍କ ଆବଶ୍ୟକତା ବୁଝିବା ଲାଗି ଏକ ସମ୍ପୂର୍ଣ ନୂଆ ମାନସିକତା ଓ ସଂସ୍କୃତିକୁ ଉଜାଗର କରିବାରେ ବାଧା ସୃଷ୍ଟି ହେଉଥିବା ଗ୍ରାହକ ମାନେ ଅଭିଯୋଗ ବାଢିଛନ୍ତି ।

# ମୋବାଇଲ ନେଟୱର୍କ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଫୁଲବାଣୀ,୨୦।୩(ସମିସ)**



ଆଜିର ଡିଜିଟାଲ ଯୁଗରେ ସବୁ ସରକାରୀ ଓ ବେସରକାରୀ କାମ ଅନଲାଇନରେ ହେଉଛି । ସରକାର ମୋବାଇଲ ନେଟୱାର୍କ ଓ ଇଣ୍ଟରନେଟ ସେବା ଯୋଗାଇବା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଭଳି ପରିସ୍ଥିତିରେ ଏବେବି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଅନେକ ଗାଁରେ ଇଣ୍ଟରନେଟ ସେବା ପହଞ୍ଚି ପାରିନାହିଁ । କୋଟଗଡ଼ ବ୍ଲକ ପକାରୀ ପଞ୍ଚାୟତରେ ରହିଛି ଏଭଳି ସମସ୍ୟା । ବାରମ୍ବାର ଦାବି ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବା ସହ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି ଗ୍ରାମବାସୀ । ସମୁଦାୟ ଏଗାରଟି ୱାର୍ଡକୁ ନେଇ ଗଠିତ ପକାରୀ ପଞ୍ଚାୟତରେ ପ୍ରାୟ ଛଅ ହଜାର ଲୋକ ବସବାସ କରୁଛନ୍ତି । ହେଲେ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ କେବଳ ଗୋଟିଏ ବିଏସଏନଏଲ ଟାୱାର ରହିଛି, ଯାହାକି ଠିକ ଭାବରେ କମ କରୁନାହିଁ । ପଞ୍ଚାୟତ ଅଧୀନରେ ଅନେକ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠ ପଢା ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାମ ନେଟୱାର୍କ ନ ଥିବାରୁ ବାଧା ସୃଷ୍ଟି ହେଉଛି । ପଞ୍ଚାୟତବାସୀ ବାରମ୍ବାର ପଞ୍ଚାୟତରେ ଆଉ ଏକ ବିଏସଏନଏଲ ଓ ଜିଓ ଟାୱାର ପାଇଁ ଦାବି କରିଆସୁଛନ୍ତି । ତଥାପି ସମସ୍ୟାର ସମାଧାନ ହୋଇପାରୁନାହିଁ । ଏହି ସମସ୍ୟାର ସମାଧାନ ପାଇଁ ସରପଞ୍ଚ ସକଡା ରୁପମାଝି ଓ ନାଏବ ସରପଞ୍ଚ ରଶ୍ମିତା ନାଏକଙ୍କ ସହ ବହୁଲୋକ ବୁଧବାର କନ୍ଧମାକ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପକାରୀ ପଞ୍ଚାୟତର ବିଜେଡି ସଭାପତି ମଇଦ ନାଏକ ଓ ପଞ୍ଚାୟତର କଂଗ୍ରେସ ସଭାପତି ନିର୍ବାଚନ ଦିଗାଲ ଉପସ୍ଥିତ ଥିଲେ । ଖୁବଶୀଘ୍ର ପଞ୍ଚାୟତରେ ନେଟୱାର୍କ ସମସ୍ୟାର ସମାଧାନ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ପଞ୍ଚାୟତବାସୀ ଭୋଟ ବର୍ଜନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ବ୍ରହ୍ମପୁର,୨୦ ।୩(ସମିସ):** ସ୍ଥାନୀୟ ଗଜପତିନଗର ନିବାସୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଗଣେଷ ପ୍ରସାଦ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ମଞ୍ଜୁଳା ପାଣିଗ୍ରାହୀଙ୍କ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ଧରି ସେ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ତାଙ୍କର ଦୋହାନ୍ତ ହୋଇଥିଲା । ସ୍ୱର୍ଗତା ମଞ୍ଜୁଳା ଜଣେ ଧର୍ମପରାୟଣା, ମେଳାପି, ଭଦ୍ର, ଶାନ୍ତିସ୍ୱଭାବର, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ । ତାଙ୍କର ଦୁଇ ପୁଅ ଥିବା ବେଳେ ବଡପୁଅ କାନାଡାରେ ଅବସ୍ଥାପିତ । ସାନପୁଅ ଆଇନଜୀବୀ ସତୀଶ କୁମାର ପାଣିଗ୍ରାହୀ ଗଞ୍ଜାମ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗର ସଭାପତି ଅଛନ୍ତି । ସ୍ୱର୍ଗତ ମଞ୍ଜୁଳା ପାଣିଗ୍ରାହୀଙ୍କ ମରଶରୀରକୁ ଭୁବନେଶ୍ୱରରୁ ବ୍ରହ୍ମପୁର ସ୍ଥିତ ନିଜ ବାସଭବନକୁ ଅଣାଯିବା ପରେ ସେଠାରୁ ଖୋଡାସିଙ୍ଗି ସ୍ଥିତ ଶ୍ମଶାନରେ ଅନ୍ତେଷ୍ଟିକ୍ରୀୟା ସମ୍ପନ୍ନ ହୋଇଥିଲା । ସ୍ୱର୍ଗତ ମଞ୍ଜୁଳା ପାଣିଗ୍ରାହୀଙ୍କ ଦେହାନ୍ତରେ ସମଗ୍ର ଗଜପତିନଗର ଓ ଆଇନଜୀବୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । ଶେଷଦର୍ଶନ ନିମନ୍ତେ ଗଜପତିନଗର ଉନ୍ନୟନ କମିଟି ଓ ହନୁମାନ ମନ୍ଦିର ପରିଚାଳନା କମିଟିର ସର୍ବଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ସଂଜୟ ତ୍ରିପାଠୀ, ସୁରଜିତ ପାଣିଗ୍ରାହୀ, ବିନୋଦ କୁମାର ମହାପାତ୍ର, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଭାରପ୍ରାପ୍ତ ଅଧକ୍ଷ ଡଃ ଦିଲ୍ଲିପ କୁମାର ତ୍ରିପାଠୀ, ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ରଞ୍ଜନ କୁମାର ପଣ୍ଡା, ଅନନ୍ତ ପଣ୍ଡା ଓ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

'ସକାଳ' ପ୍ରଭାବ

# ଖବର ପ୍ରକାଶ ପରେ ପଦକ୍ଷେପ

## ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମୁଖ୍ୟ କିରାଣୀଙ୍କୁ ମିଳିଲା କ୍ଷମତା





**ବ୍ରହ୍ମପୁର,୨୦ ।୩(ସମିସ):** ସବ୍ ରେଜିଷ୍ଟ୍ରାର ବା ଉପ ନିବନ୍ଧକ ଭଳି ସରକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଲୋକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏନେଇ ମଙ୍ଗଳବାର ଦୈନିକ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ଏହାର ସତ୍ୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ବ୍ରହ୍ମପୁର ସହରରେ ଥିବା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସବ୍ ରେଜିଷ୍ଟ୍ରାରଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ମୁଖ୍ୟ କିରାଣୀଙ୍କୁ ଡକ୍ୟୁମେଣ୍ଟ ଦସ୍ତଖତ କରିବା ଓ ଅନଲାଇନ 'ଇସି' ବାହାର କରିବା ପାଇଁ 'ଥମ୍ବ ଇମ୍ପ୍ରେସନ' ଦେବାକୁ କ୍ଷମତା ପ୍ରଦାନ କରାଯାଇଛି । ଗତ ୧୨ତାରିଖ ଠାରୁ ବ୍ରହ୍ମପୁର ଗ୍ରାମାଞ୍ଚଳ ଉପ ନିବନ୍ଧକ ସମରଜିତ ତ୍ରିପାଠୀ ଓ ୧୬ତାରିଖ ଠାରୁ ସହରାଞ୍ଚଳ ଉପ ନିବନ୍ଧକ କବିରାଜ ଆର୍ଯ୍ୟଙ୍କୁ ନିର୍ବାଚନ ଡ୍ୟୁଟିରେ ଯୋଗ ଦେବାକୁ ପଡିଛି । ଉଭୟଙ୍କ ସ୍ଥାନରେ ଅନ୍ୟ କାହାକୁ ଦାୟିତ୍ୱ ଦିଆଯାଇନଥିଲା । ଯାହା ଫଳରେ ଗତ କିଛି ଦିନ ଧରି ସବ୍ ରେଜିଷ୍ଟ୍ରାର ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଜନସାଧାରଣଙ୍କ ଭିଡ ଲାଗୁଥିବା କାର୍ଯ୍ୟାଳୟରେ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କାର୍ଯ୍ୟାଳୟରେ ଜମିଜମା ଅଥବା ଘର କିଣାବିକା ନେଇ ଅନ୍‌ଲାଇନରେ

- ଜନସାଧାରଣଙ୍କୁ ମିଳିଲା ଆଶ୍ୱସ୍ତି, ଆରମ୍ଭ ହେଲା 'ଡକ୍ୟୁମେଣ୍ଟ' ଓ 'ଇସି' ଯୋଗାଣ
- ଗ୍ରାମାଞ୍ଚଳରେ ୧୯୨ ଓ ସହରାଞ୍ଚଳରେ ସ୍ୱାକ୍ଷର ନହୋଇ ପଡ଼ିଥିଲା ୭୯ଟି ଡକ୍ୟୁମେଣ୍ଟ

ସ୍ଲଟ ବୁକିଂ କରି ପଞ୍ଜିକରଣ ବା ରେଜିଷ୍ଟ୍ରେସନ ହେଉଥିଲେ ହେଁ ଲୋକଙ୍କୁ ସେମାନଙ୍କ ସ୍ଥାବର ସମ୍ପତ୍ତିର ଡକ୍ୟୁମେଣ୍ଟ ମିଳିପାରୁ ନଥିଲା କି 'ଇସି' ମଧ୍ୟ ବାହାର କରିବା ସମ୍ଭବପର ନଥିଲା । ଫଳରେ ସହରାଞ୍ଚଳ କାର୍ଯ୍ୟାଳୟରେ ୭୯ଟି ଓ ଗ୍ରାମାଞ୍ଚଳ କାର୍ଯ୍ୟାଳୟରେ ୧୯୨ଟି ଏହିଭଳି ମୋଟ ୨୭୧ଟି ଡକ୍ୟୁମେଣ୍ଟ ସ୍ୱାକ୍ଷର ନହୋଇ ପଡି ରହିଥିଲା । ବର୍ତ୍ତମାନ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକଙ୍କ ନିର୍ଦ୍ଦେଶନାମା ପ୍ରକାରେ ଉଭୟ କାର୍ଯ୍ୟାଳୟରେ ଯଥାକ୍ରମେ ସହରାଞ୍ଚଳ ପାଇଁ ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ପ୍ରକାଶ ଚନ୍ଦ୍ର ବେହେରା ଓ ଗ୍ରାମାଞ୍ଚଳ ପାଇଁ ଉକ୍ତ କାର୍ଯ୍ୟାଳୟର ମୁକ୍ର କିରାଣୀ ସୁଶାନ୍ତ କୁମାର ବେହେରାଙ୍କୁ ନିର୍ବାଚନ ଡ୍ୟୁଟିରୁ ଫେରିବା ପର୍ଯ୍ୟନ୍ତ ସବ୍ ରେଜିଷ୍ଟ୍ରାର କ୍ଷମତା ପ୍ରଦାନ କରାଯାଇଥିବା ଜଣାପଡିଛି । ଫଳରେ ଉଭୟ କାର୍ଯ୍ୟାଳୟରେ ବୁଧବାର ଠାରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଦେଖିବାକୁ ମିଳିଛି । ପଡି ରହିଥିବା ସମସ୍ତ ଡକ୍ୟୁମେଣ୍ଟକୁ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଦିଆଯିବ ସେଥିପାଇଁ କାର୍ଯ୍ୟ ଚାଲିଥିବା କହିଛନ୍ତି ଉଭୟ କାର୍ଯ୍ୟାଳୟର ଭାରପ୍ରାପ୍ତ ସବ୍ ରେଜିଷ୍ଟ୍ରାର ତଥା ମୁଖ୍ୟ କିରାଣୀ । ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଚଳିତ ମାସ ୧୩ତାରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ଜାରି ହୋଇଥିବା ଚିଠି ପ୍ରକାରେ ସବ୍ ରେଜିଷ୍ଟ୍ରାର ଓ ଅନ୍ୟକିଛି ଅଧିକାରୀଙ୍କୁ ନିର୍ବାଚନ ଡ୍ୟୁଟିରେ ନିୟୋଜିତ ନକରିବାକୁ ଉଲ୍ଲେଖ ରହିଥିବା ଜଣାଯାଇଛି । ଏଭଳି ପରିସ୍ଥିତିରେ ବ୍ରହ୍ମପୁର ସମେତ ବିଭିନ୍ନ ସବ୍ ରେଜିଷ୍ଟ୍ରାରଙ୍କର ନିର୍ବାଚନ ଡ୍ୟୁଟି ପଡିଥିବା ଓ ସେମାନେ ସେହି କାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳିଛି ।

# ଅପମିଶ୍ରିତ ମସଲା ଜବତ ମାମଲା, ମାଲିକ କୋର୍ଟ ଚାଲାଣ

## ବିନା ଲାଇସେନ୍ସରେ କରୁଥିଲେ ବ୍ୟବସାୟ

**ବ୍ରହ୍ମପୁର,୨୦ ।୩(ସମିସ):** ଗତ ସୋମବାର ରାତିରେ ବଡ଼ବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ଚତୁର୍ଥ ଲାଇନରେ ଥିବା ଗୋଦାମରେ ପୁଲିସ ଚଢ଼ାଉ କରି ୧୨୯୫ କିଲୋ ଓଜନର ବିଭିନ୍ନ ଅପମିଶ୍ରିତ ମସଲା ଜବତ କରିଥିଲା । ଏହି ଘଟଣାରେ ପୁଲିସ ବୁଧବାର ଗୋଦାମର ମାଲିକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଜଣକ ହେଲେ ପାଣିଗ୍ରାହୀ ପେଣ୍ଠ ବ୍ରଜରାଜନଗର ୪ର୍ଥ ଲାଇନ ନିବାସୀ ଶିବ ଶଙ୍କର



ସାହୁ( ୩୨) । ଶିବ ଶଙ୍କର ଏଠାରେ ବିନା ଲାଇସେନ୍ସରେ ବ୍ୟବସାୟୀ କରୁଥିବା ପୁଲିସ ତଦନ୍ତରେ ଜଣାପଡିଥିଲା । ଦୀର୍ଘଦିନ ହେବ ଏଠାରେ ଅପମିଶ୍ରିତ ମସଲା ପ୍ରସ୍ତୁତି ହେଉଥିବା ନେଇ ଖବର ପାଇବା ପରେ ବଡ଼ ବଜାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସଆଇ ରଞ୍ଜିତ କୁମାର ଦାଶ ଓ ଥାନାର କର୍ମଚାରୀମାନେ ସ୍ଥାନୀୟ ବ୍ରଜରାଜ୍ ନଗର ଚତୁର୍ଥ ଲାଇନରେ ଶିବ ଶଙ୍କର ସାହୁଙ୍କ ଗୋଦାମରେ ଚଢଉ କରିଥିଲେ । ଚଢଉ ବେଳେ ପୁଲିସ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଗରମ ମସଲା, ଖଡ଼କପୁର ମସଲା, ସିନଥିକ କଲର ପାଉଡର ଓ ଧନିଆଗୁଣ୍ଡ ସମେତ ପ୍ରାୟ ୧୨୯୫କିଲୋ ବିଭିନ୍ନ ମସଲା ସାମଗ୍ରୀ ଜବତ କରିଥିଲା । ବିନା ଲାଇସେନ୍ସ ସେ ଏଭଳି ବ୍ୟବସାୟୀ କରୁଥିବା ଅଭିଯୋଗ ହୋଇଛି ।

# ଗୋପାଳପୁର ପୁଲିସ ପକ୍ଷରୁ 'ସାଗର କବଚ'

**ବ୍ରହ୍ମପୁର,୨୦ ।୩(ସମିସ):** ଉପକୂଳ ଅଞ୍ଚଳରେ ବେଆଇନ ଅନୁପ୍ରବେଶ ରୋକିବାକୁ ଦୁଇ ଦିନିଆ ମକଡ୍ରିଲ୍ 'ସାଗର କବଚ' ଆରମ୍ଭ ହୋଇଛି । ବ୍ରହ୍ମପୁର ଏସ.ପି ଡା.ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶ କ୍ରମେ ଗୋପାଳପୁର ଥାନା ଅଧିକାରୀ ଶରତ କୁମାର ମାହାଲିକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ଗୋପାଳପୁର ମୁହାଣ ବେଳାଭୂମିଠାରୁ ଧବଳେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ତଟ ସୁରକ୍ଷା ନେଇ ମକଡ୍ରିଲ କରିବା ସହ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିବା ଜଣାପଡ଼ିଛି । ଦୁଇଦିନିଆ ତଟ ସୁରକ୍ଷା କଡା କଡ଼ି କରାଯିବା, ରାତିରେ ସମୁଦ୍ର ତଟରେ ପେଟ୍ରୋଲିଂ କରାଯିବା ସହ ୭ପୁଲିସ ଅଧିକାରୀଙ୍କ ସମେତ ପ୍ରାୟ ୪୦ଜଣ ପୁଲିସ ମୁତୟନ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତ ।

# ବିଶ୍ୱ ଘର ଚଟିଆ ଦିବସ ପାଳିତ

**ବ୍ରହ୍ମପୁର,୨୦ ।୩(ସମିସ):** ପ୍ରତିବର୍ଷ ମାର୍ଚ୍ଚ ମାସ କୋଡିଏ ତାରିଖରେ ବିଶ୍ୱ ଘର ଚଟିଆ ଦିବସ ରୂପେ ପାଳିତ ହୋଇଆସୁଛି । କୁନି ପକ୍ଷୀ ଘର ଚଟିଆ ବଂଶର ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି । ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁଣ୍ଠବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ବାର ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ସମେତ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି । ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି । ଆଜି ବିଶ୍ୱଘର ଚଟିଆ ଦିବସ ଉପଲକ୍ଷେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଗୁଣ୍ଠବନ୍ଧ ସରକାରୀ




ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଶ୍ୱ ଘର ଚଟିଆ ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଘର ଚଟିଆ ସହ ପ୍ରକୃତିର ସମ୍ପର୍କ ବିଷୟରେ ବୁଝାଇଥିଲେ । ଘରଚଟିଆର ବଂଶବୃଦ୍ଧି ଓ ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀ ପଶୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, ଇଷାନେଶ୍ୱର ପାଠାଗାର ସଭାପତି ବନମାଳୀ ପ୍ରଧାନ, ନାରାୟଣ ସାମଲ, ଶିକ୍ଷୟତ୍ରୀ ସଂଗୀତା ସାମଲ, ରୁନୁ ବରାଡ଼, ରେଣୁଝରା ପୁଷ୍ପଶ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏଏସ୍‌ଓ ନିଯୁକ୍ତି ଆଳରେ ଯୁବତୀଙ୍କଠାରୁ ୧୮ ଲକ୍ଷ ଠକେଇ

ବ୍ରହ୍ମପୁର,୨୦ ।୩(ସମିସ): ସ୍ଥାନୀୟ ମାଣ୍ଡିଆପଲ୍ଲୀ ମୋନାର୍କ ଛକ ନିକଟରେ ରହୁଥିବା ଜନୈକା ଯୁବତୀଙ୍କୁ ଏଏସଓ ଭଳି ସରକାରୀ ଚାକିରୀରେ ନିଯୁକ୍ତି କରାଇଦେବାର ପ୍ରତିଶ୍ରୁତି ଦେଇ ଜଣେବ୍ୟକ୍ତି ୧୮ ଲକ୍ଷ ୧୬ହଜାର ୨୫୦ଟଙ୍କା ଠକି ନେଇଥିବା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ଯେ, ମୋନାର୍କ ଛକ ନିକଟରେ ରହୁଥିବା ଜନୈକା ଯୁବତୀ ସରକାରୀ ଚାକିରୀ ପାଇଁ ବହୁତ ଚେଷ୍ଟା କରୁଥିଲେ । ପରେ ଯୁବତୀ ଜଣକ ଗାନ୍ଧୀନଗର ନିବାସୀ ତଥା ବ୍ରହ୍ମପୁର ବ୍ରଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଗଜେନ୍ଦ୍ରନାଥ ସାହୁ ଉକ୍ତ ଯୁବତୀଙ୍କୁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ପଦବୀରେ ନିଯୁକ୍ତି କରାଇଦେବାକୁ କହି ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୮ ଲକ୍ଷ ୧୬ହଜାର ୨୫୦ଟଙ୍କା ଠକି ନେଇଛନ୍ତି । ଯୁବତୀଙ୍କ ପିତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗଜେନ୍ଦ୍ର ଏହି ଟଙ୍କା ନେଇଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି । ଯୁବତୀ ଜଣକ ଚାକିରୀ ପାଇବା ଆଶାରେ ନିଜ ସୁନା ଓ ଘର ବନ୍ଧା କରି ଗଜେନ୍ଦ୍ର ସାହୁଙ୍କୁ ଉକ୍ତ ଟଙ୍କା ଦେଇଥିଲେ । ଗତ ଡିସେମ୍ବର ୩୦ତାରିଖରେ ଏଏସଓ ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିଲା । ତେବେ ସେଥିରେ ଯୁବତୀଙ୍କ ନାମ କିମ୍ବା ରୋଲ ନଂ ନଥିଲା । ଏହାଦେଖି ଯୁବତୀ ଜଣକ ଗଜେନ୍ଦ୍ରଙ୍କୁ ଏ ବିଷୟରେ ପଚାରିଥିଲେ । ଗଜେନ୍ଦ୍ର ନେଇଥିବା ସମସ୍ତ ଟଙ୍କା ଫେରସ୍ତ କରିବାକୁ ଯୁବତୀ ଜଣକ କହିବା ପରେ ସେ ବିଭିନ୍ନ ବାହାନା କରିଥିଲେ । ବାରମ୍ବାର ଟଙ୍କା ଫେରସ୍ତ କରିବାକୁ କହିବାରୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ଏପରିକି ଏଣିକି ଫୋନ କରି ଟଙ୍କା ଫେରସ୍ତ କରିବାକୁ କହିଲେ ହତ୍ୟା ଧମକ ଦେଇଥିବା ଯୁବତୀଜଣକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଏକ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# 'ଯୁବ ନ୍ୟାୟ ଗ୍ୟାରେଣ୍ଟି' ପୋଷ୍ଟର ଉନ୍ମୋଚିତ




**ବ୍ରହ୍ମପୁର,୨୦ ।୩(ସମିସ):** ସ୍ଥାନୀୟ ବାପୁଜୀ ଆଶ୍ରମ ପରିସରରେ ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବୁଧବାର "ଯୁବ ନ୍ୟାୟ' ଗ୍ୟାରେଣ୍ଟି ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ କଂଗ୍ରେସ ସଭପତି ବିକାଶ ନାୟକ ସଂଯୋଜନା କରିଥିଲେ । ଦେଶରେ ଯୁବକ ମାନଙ୍କର ଉତ୍କଟ ପରିସ୍ଥିତିରେ ସୁଧାର ଆଣିବା ପାଇଁ ରାହୁଲ ଗାନ୍ଧୀ ଯୁବକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ପାଞ୍ଚୋଟି ନ୍ୟାୟ ପାଇଁ ଗ୍ୟାରେଣ୍ଟି ଦେଇଥିବା ଏଠାରେ କୁହାଯାଇଛି । ଏହି ଗ୍ୟାରେଣ୍ଟି ପ୍ରତିଶ୍ରୁତିକୁ ପ୍ରତ୍ୟେକ ଯୁବକଙ୍କଠାରେ କିଭଳି ପହଞ୍ଚିବ ସେନେଇ ଯୁବ କର୍ମୀମାନେ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚିନ୍ମୟ କୁମାର ହୋତା, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ସୁପ୍ରଭା କୁମାରୀ ଦାସ, ବ୍ରହ୍ମପୁର ଯୁବ କଂଗ୍ରେସ ସଭାପତି ତତସତ୍ ସୁବୁଦ୍ଧି, ଛତ୍ରପୁର ଯୁବ କଂଗ୍ରେସ ସଭପତି ରଞ୍ଜିତ ରଥ, ଚିକିଟି ଯୁବ କଂଗ୍ରେସ ସଭାପତି ଦିବ୍ୟଞ୍ଜୟ ସାହୁ, ସୋରଡ଼ା ଯୁବ କଂଗ୍ରେସ ସଭପତି ପ୍ରଫୁଲ୍ଲ ମଲ୍ଲିକ, ଇଜୁ ଅମିନ୍ ଖାଁ, ସଂଗ୍ରାମ ରାଉତ, ଆତିଶ ଦଳେଇ, ନରେଶ ଘଡେଇ, ଜଗନ୍ନାଥ ନାୟକ, ଦେବବ୍ରତ ପାଢ଼ୀ, ଟିକିନା ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ ।

# ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବୈଠକ

## ପୂରଣ ହେଲାନି ଦାବି, ଜାରି ରହିବ ଆନ୍ଦୋଳନ



**ବ୍ରହ୍ମପୁର,୨୦ ।୩(ସମିସ):** ଚାକିରି ନିୟମିତ ସହ ଅନ୍ୟାନ୍ୟ ଦାବି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଅସହଯୋଗ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ବୈଠକ ହୋଇଥିଲା । ବୈଠକରେ ସଂଘର ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା । ହେଲେ କୌଣସି ସମାଧାନର ବାଟ ଫିଟି ନଥିଲା । ଯାହାକୁ ନେଇ ସଂଘ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ନିଷ୍ପତି ଅର୍ଥାତ୍ କାର୍ଯ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସେମାନଙ୍କ ଦାବି ପୂରଣ ନହେଲେ ଚଳିତ ସାଧାରଣ ନିର୍ବାଚନରେ ମତଦାନଠାରୁ ଦୂରେଇ ରହିବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ କର୍ମଚାରୀମାନେ ନିଷ୍ପତ୍ତି ନେଇଛନ୍ତି । ଏହା ସହ ଆଗାମୀ ଦିନରେ ନୂତନ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରିତା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ଅସହଯୋଗ କରାଯିବ ବୋଲି ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି । ସେମାନଙ୍କ ଦାବି ସମ୍ପର୍କରେ ଚଳିତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ କ୍ୟାଡର ଗଠନ, ଚାକିରି ନିୟମିତ ସହ ଅନ୍ୟାନ୍ୟ ସୁବିଧାସୁଯୋଗ ଘୋଷଣା କରିଥିଲେ । କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ କର୍ମଚାରୀମାନେ ଏ ପର୍ଯ୍ୟନ୍ତ ଚୁକ୍ତି ଭିତ୍ତିକ ବ୍ୟବସ୍ଥାରେ କାର୍ଯ୍ୟ କରୁଛନ୍ତି । ସେମାନେଙ୍କୁ ମହଙ୍ଗା ଭତ୍ତା ସହ ଅନ୍ୟାନ୍ୟ ସୁବିଧା ମିଳୁନାହିଁ । ପୂର୍ବରୁ ନନ ମେଡିକୋ ପବ୍ଲିକ ହେଲଥ୍ ମ୍ୟାନେଜମେଣ୍ଟ କ୍ୟାଡର ଗଠନ ପାଇଁ କ୍ଷମତାଶୀଳ କମିଟି ପକ୍ଷରୁ ବାରମ୍ବାର ବୈଠକ ବସିଥିଲେ । କିନ୍ତୁ ତାହା କାର୍ଯ୍ୟକରୀ ହୋଇନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ବୈଠକରେ ସଭାପତି ଗଣେଷ ନାୟକ, ଶକ୍ତି କୁମାର ଦିଗାଲ, ସ୍ମୃତି ବର୍ଦ୍ଧନଦାସ, ଉପସଭାପତି ଶୁଭେନ୍ଦୁ କୁମାର ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ମହାପାତ୍ର, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ରେ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ ମହାସଂଘର ୧୨ଦଫା ଦାବିପତ୍ର

**ବ୍ରହ୍ମପୁର,୨୦ ।୩(ସମିସ):** ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ ମହାସଂଘ ପକ୍ଷରୁ ବୁଧବାର ବ୍ରହ୍ମପୁର ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ୧୨ଦଫା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୧୦୮ ଆମ୍ବୁଲାନ୍ସ ଡ୍ରାଇଭରମାନେ କାର୍ଯ୍ୟରତ ସମୟରେ ସାମ୍ନା କରିଥିବା ବିଭିନ୍ନ ସମସ୍ୟାକୁ ନେଇ ଦାବି ଜଣାଇଥିଲେ । ସେମାନଙ୍କୁ ଦାବି ଗୁଡ଼ିକ ହେଲା ଦୈନିକ ୧୨ଘଣ୍ଟା କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ୮ଘଣ୍ଟାର ପାରିଶ୍ରମିକ ପ୍ରଦାନ କରାଯାଉଛି । ସେହିପରି ୧୦ବର୍ଷ ଧରି ବହୁ କର୍ମଚାରୀ କାର୍ଯ୍ୟ କରୁଥିଲେ ମଧ୍ୟ ବାର୍ଷିକ ଦରମା ବୃଦ୍ଧି ହେଉନାହିଁ, ଗାଡ଼ି ଚାଳକ ଓ କର୍ମଚାରୀଙ୍କୁ ବିନା ବିରାମ ଦେଇ ୧୨ଘଣ୍ଟା କାର୍ଯ୍ୟ କରିବାକୁ ପଡୁଛି, ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କର୍ମଚାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଛି । ସେହିପରି ରୋଗୀଙ୍କୁ ମେଡ଼ିକାଲରେ ଛାଡ଼ିବା ପରେ ଆମ୍ବୁଲାନ୍ସକୁ ସାନିଟାଇଜ କରିବା ପାଇଁ ସମୟ ଦିଆଯାଉ ନାହିଁ । ଫଳରେ ଉଭୟ କର୍ମଚାରୀ ଓ ପରବର୍ତ୍ତୀ ରୋଗୀ ସଂକ୍ରାମକ ରୋଗର ଆକ୍ରାନ୍ତ ହେବାର ଭୟ ରହୁଛି । ସେହିପରି ଆମ୍ବୁଲାନ୍ସକୁ ଆବଶ୍ୟକ ପ୍ରଜ୍ୟାପ୍ତ ଚିକିତ୍ସା ସାମଗ୍ରୀ ପ୍ରଦାନ କରାଯାଉ ନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିପ୍ରତି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବ୍ରହ୍ମପୁର ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝିଙ୍କୁ ଅନୁରୋଧ କରାଯାଇଥିଲା । ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ରାଜ୍ୟ ଉପ ସଭାପତି କୃଷ୍ଣଚନ୍ଦ୍ର ନାୟକ, ଅଧ୍ୟକ୍ଷ ଶୁଭମ୍ ସାସମଲ, ଗଞ୍ଜାମ ଜିଲ୍ଲା ସଭାପତି ନୀଳାଚଳ ପଣ୍ଡା, ଉପ ସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ଆର. ଚିତ୍ରସେନ, ଶୁଭ୍ରାଂଶୁ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।



# ଗଞ୍ଜାମ ଜିଲ୍ଲାରେ ବର୍ଷା ଜାରି, ଖରାଦିନେ ଶୀତ ଅନୁଭୂତ



କୋହଲା ପାଗରେ ଫିକା ପଡ଼ିଲା ପଖାଳ ଖିଆ



**ବ୍ରହ୍ମପୁର,୨୦ ।୩(ସମିସ)**

ଗତକାଲି ଅପରାହ୍ନରୁ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ଝିପି ଝିପି ବର୍ଷା ଜାରି ରହିଛି । ଏହାରି ପ୍ରଭାବରେ ଖରାଦିନେ ଶୀତ ଅନୁଭୂତ ହୋଇଛି । ବୁଧବାର ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଦେଖିବାକୁ ମିଳିଛି । ଏଥିଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଲୋକେ ଶୀତର ଅନୁଭବ କରିଛନ୍ତି । ବର୍ଷା ଓ ଶୀତର ଏକକାଳୀନ ପ୍ରଭାବ ଯୋଗୁଁ ଘରୁ ବାହାରିବା ସମ୍ଭବ ହୋଇନି । ସେହିଭଳି ପନିପରିବା ବଜାର ସମେତ ସହରର ଅନେକ ଛକ ବୁଧବାର ଖାଁ ଖାଁ ଲାଗିଥିଲା । ଯାତ୍ରୀମାନେ ବର୍ଷାକୋଟ ଓ ଛତା ସହିତ ଶୀତବସ୍ତ୍ର ପରିଧାନ କରି ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଲକ୍ଷ୍ୟ କରାଯାଇଥିଲା । ବିଗତ କିଛି ବର୍ଷ ପରେ ଖରାଦିନିଆ ବର୍ଷାରେ ଏଭଳି ଶୀତ ଅନୁଭୂତ ହୋଇଥିବା ସହରବାସୀ କହିଥିବା ବେଳେ କୋହଲାପାଗ ଯୋଗୁଁ ଶୀତର ମାତ୍ରା ବୃଦ୍ଧି ପାଇଥିବା ପରିବେଶବିତମାନେ ମତ ଦେଇଛନ୍ତି । ଅନ୍ୟପକ୍ଷରେ ବୁଧବାର ଛତ୍ରପୁର ବ୍ଲକରେ ୧୦ମିଲିମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୯ମିମି ବର୍ଷା ହୋଇଛି । ସେହିଭଳି କବିସୂର୍ଯ୍ୟନଗରରେ ୧୯.୫ମିମି, ପୋଲସରାରେ ୨୫.୨ମିମି, କୋଦଳାରେ ୧୫ମିମି, ଖଲ୍ଲିକୋଟରେ ୯ମିମି, ହିଞ୍ଜିଳିରେ ୫ମିମି, ରଙ୍ଗେଇଲୁଣ୍ଡାରେ ୩୩ମିମି, କୁକୁଡ଼ାଖଣ୍ଡିରେ ୧୨ମିମି, ଚିକିଟିରେ ୨୫ମିମି, ପାତ୍ରପୁରରେ ୨୮.୪ମିମି, ସାନଖେମୁଣ୍ଡିରେ ୧୭ମିମି, ଦିଗପହଣ୍ଡିରେ ୧୮ମିମି, ଭଞ୍ଜନଗରରେ ୪୩ମିମି, ବେଲଗୁଣ୍ଠାରେ ୨୩.୨ ମିମି, ଜଗନ୍ନାଥପ୍ରସାଦରେ ୪୦.୨ ମିମି, ବୁଗୁଡ଼ାରେ ୨୧ ମିମି, ଆସିକାରେ ୨୩.୬ମିମି, ଧରାକୋଟରେ ୩୦ମିମି, ଶେରଗଡ଼ରେ ୧୯ମିମି, ସୋରଡ଼ାରେ ୨୫ମିମି, ଗୋପାଳପୁର ଏନଏସିରେ ୧୧ମିମି, ବ୍ରହ୍ମପୁର ସହରର ଗାନ୍ଧି ନଗର ଓ ବ୍ରଜରାଜନଗରରେ ଯଥାକ୍ରମେ ୧୨ ମିମି ଓ ୧୨.୪ମିମି ବର୍ଷା ହୋଇଥିବା ରେଇନ ମୋନିଟୋରିଂ ୱେବସାଇଟରୁ ସୂଚନା ମିଳିଛି । ବର୍ଷା ହେବା ନେଇ ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇ ଗଞ୍ଜାମ ଜିଲ୍ଲାକୁ ୱେଲୋ ୱାର୍ଣ୍ଣ ମଧ ଜାରି କରାଯାଇଥିଲା ।

ଅନ୍ୟପକ୍ଷରେ କୋହଲା ପାଗ ଯୋଗୁଁ ସହରରେ ପଖାଳ ଦିବସ ଫିକା ପଡ଼ିଛି । ବର୍ଷା ଓ ଶୀତ ଯୋଗୁଁ ସହରବାସୀ ସାମୁହିକ ଭାବେ ପଖାଳ ଦିବସ ପାଳନ କରିବା ସମ୍ଭବ ହୋଇନଥିବା ବେଳେ ବହୁ ପରିବାର ଘରେ ପଖାଳ ଖାଇଥିବା ଦେଖିବାକୁ ମିଳିଛି । ସେହିଭଳି କିଛି ସାଙ୍ଗ ସାଥି ବିଭିନ୍ନ ହୋଟେଲରେ ପଖାଳ ଖାଇଥିଲେ । ପଖାଳ ଦିବସକୁ ସ୍ମୃତିମୟ କରିବା ଲାଗି ବିଭିନ୍ନ ହୋଟେଲ ଗୁଡ଼ିକର ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ଅନ୍ୟଥା ପଖାଳ ଦିବସ ଫିକା ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଅପରପକ୍ଷେ ଆସନ୍ତାକାଲିଠାରୁ ବର୍ଷା ସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରାଯାଇଛି ।

## ବୃଦ୍ଧାଙ୍କୁ ଉଠାଇନେଲା ଅବକାରୀ କର୍ମଚାରୀ

# ଆଦିବାସୀଙ୍କ ପ୍ରତିବାଦ ଓ ରାସ୍ତା ଅବରୋଧ






**ଖଲ୍ଲିକୋଟ,୨୦ ।୩(ସମିସ)**

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଦିବାସୀ ବହୁଳ ଗୁହାରିଆପାଟ ଗ୍ରାମରେ ଦୀର୍ଘଦିନ ଧରି ଚୋରା ମଦବିକ୍ରି କରୁଥିବା ଅଭିଯୋଗରେ ଉକ୍ତ ଗ୍ରାମର ଜଣେ ୬୦ବର୍ଷୀୟ ବୃଦ୍ଧା ଲକ୍ଷ୍ମୀ ଜାନିଙ୍କୁ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ବୁଧବାର ସକାଳେ ଉଠାଇ ଥାନାକୁ ଆଣିଥିଲେ । ତେବେ ଲକ୍ଷ୍ମୀଙ୍କୁ ପୋଲିସ ଉଠେଇ ନେଇଥିବା ନେଇ ସନ୍ଦେହ କରିଥିଲେ ଆଦିବାସୀମାନେ । ଅଯଥାରେ ଲକ୍ଷ୍ମୀଙ୍କୁ ଉଠାଇ ନେବା ଓ ମିଥ୍ୟା ମକଦ୍ଦମା ଲଗାଇବା ପାଇଁ ପୁଲିସ ଉଠାଇ ନେଇଥିବା ଅଭିଯୋଗ କରି ଏହାର ତିବ୍ର ପ୍ରତିବାଦ କରିଥିଲେ । ଏବଂ ତୁରନ୍ତ ଲକ୍ଷ୍ମୀଙ୍କୁ ଛାଡିବା ପାଇଁ ଦାବୀ କରି ପୂର୍ବାହ୍ନ ୮.୩୦ମିନିଟ ଠାରୁ ଖଲ୍ଲିକୋଟ-ବ୍ରହ୍ମପୁର ମୁଖ୍ୟରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ଆଦିବାସୀମାନେ ହାତରେ ପାରମ୍ପାରିକ ଧନୁଶର, ଟାଙ୍ଗିଆ, କୁରାଢ଼ି ପ୍ରଭୃତି ଅସ୍ତ୍ର ଧରି ରାସ୍ତା ଉପରେ ଅଡି ବସିଥିଲେ । ପ୍ରାୟ ୯ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ରାସ୍ତାରୋକ ଚାଲିଥିଲା । ମଦ ନୁହେଁ ବରଂ ଲକ୍ଷ୍ମୀଙ୍କର ଏକ ଜଳଖିଆ

**● ଚୋରାମଦ ବିକ୍ରି କରୁଥିବା ଅଭିଯୋଗ**

ଦୋକାନ ରହିଛି । ସେଠାରେ ଲକ୍ଷ୍ମୀ ଓ ତାଙ୍କ ଝିଅ ବ୍ୟବସାୟ କରିଥାନ୍ତି । ପୋଲିସ ପୋଷାକରେ କିଛି ଲୋକ ଆସି କବାଟ ବାଡେଇଥିଲେ ଏବଂ କବାଟ ଖୋଲିବା ପରେ ତୁରନ୍ତ ମା ଲକ୍ଷ୍ମୀଙ୍କୁ ଉଠାଇ ନେଥିବା ଅଭିଯୋଗ କରିଛନ୍ତି ଲକ୍ଷ୍ମୀଙ୍କ ଝିଅ କୁମାରୀ ଜାନି । ଆଦିବାସୀଙ୍କ ରାସ୍ତାରୋକ ଯୋଗୁଁ ଜରୁରୀକାଳୀନ କାମରେ ଯାଉଥିବା ଲୋକେ ଏବଂ ବ୍ରହ୍ମପୁର ମେଡିକାଲକୁ ଯାଉଥିବା ରୋଗୀମାନେ ଦିର୍ଘ ସମୟ ଧରି ପ୍ରବଳ ହଟହଟାର ସମ୍ମୁଖୀନ ହୋଇଥିଲେ । ସକାଳ ୮.୩୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରାସ୍ତାରୋକ ଚାଲିଥିଲା । ସନ୍ଧ୍ୟା ୫ଟାରେ ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବୃଦ୍ଧା ଲକ୍ଷ୍ମୀଙ୍କୁ ତୁରନ୍ତ ଛାଡିବାକୁ ଆଦିବାସୀମାନେ ଜିଦରେ ଅଟଳ ଥିଲେ । ପରେ ତହସିଲଦାର ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ସହ କଥାହୋଇ ଲକ୍ଷ୍ମୀ ଜାନିଙ୍କୁ ମୁକୁଳାଯିବା ନେଇ ପ୍ରତିଶୃତି ଦେଇଥିଲେ । ଦୁଇଦିନ ମଧ୍ୟରେ ଲକ୍ଷ୍ମୀଙ୍କୁ ଛଡା ନଗଲେ ପୁଣି ରାସ୍ତାରୋକ କରାଯିବ ବୋଲି ଉତ୍ୟକ୍ତ ଆଦିବାସୀମାନେ ଚେତାବନୀ ଦେଇ ସାମୟିକ ଭାବେ ରାସ୍ତାରୋକରୁ ହଟିଥିବା ଜଣାପଡିଛି ।

# ମହିଳାକୁ ଦୁର୍ବ୍ୟବହାର, ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୨୦ ।୩(ସମିସ):** ଗତ ଶନିବାର ଗୋଳନ୍ଥରା ଅଞ୍ଚଳର ଜଣେ ମହିଳାଙ୍କୁ ଗାଳି ଗୁଲଜ ଓ ଅସଦାଚରଣ ଘଟଣାରେ ସ୍ଥାନୀୟ ପୁଲିସ ବୁଧବାର ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଦୁମିଦୁମୀ ଗ୍ରାମର ଲଣ୍ଡା ବେହେରା (୨୭) । ସୂଚନା ଅନୁସାରେ ଗତ ଶନିବାର ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା ଘରେ ଥିବାବେଳେ କେହି ନଥିବା ସୁଯୋଗ ନେଇ ଲଣ୍ଡା ମହିଳାଙ୍କ ଘରକୁ ଯାଇ କବାଟ ବାଡେଇ ଗାଳି ଗୁଲଜ କରିଥିଲେ । ମହିଳା ଜଣଙ୍କ କବାଟ ଖୋଲିବା ପରେ ଲଣ୍ଡା ତାଙ୍କୁ ଅସଦାଚରଣ କରିଥିଲେ । ମହିଳା ଜଣଙ୍କ ଦୌଡ଼ି ଯାଇ ସେହି ଗ୍ରାମର ରାଜେନ୍ଦ୍ର ବେହେରାଙ୍କ ଘରକୁ ଚାଲିଯାଇଥିଲେ । ହେଲେ ଲଣ୍ଡା ପୁଣି ଆସି ରାଜେନ୍ଦ୍ରଙ୍କୁ ଗାଳି ଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । ଏନେଇ ମହିଳା ଜଣଙ୍କ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ କେସନଂ(୧୨୨/୨୪) ପ୍ରକାରେ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପୋଲ ତଳକୁ ଖସିଲା ବାଇକ୍, ୨ ମୃତ

**ମୋହନା/ଛେଳିଗଡ଼,୨୦।୩(ସମିସ):** ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଜାତୀୟ ରାଜପଥ ୩୨୬ ଡୁମ୍ବା ଗ୍ରାମ ନିକଟରେ ମଙ୍ଗଳବାର ଦିନ ଗୋଟାଏ ବେଳେ ଛେଳିଗଡ଼ ବିଦ୍ୟୁତ ସବଷ୍ଟେସନ ନିକଟସ୍ଥ ପୋଲରୁ ୩୦ଫୁଟ ତଳକୁ ଖସିଯିବା ଫଳରେ ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ମାନେ ହେଲେ ଛେଳିଗଡ଼ ଗ୍ରାମର ଟୁକୁନା ସିଂ(୩୧) ଓ ମଣ୍ଟୁ ପାଲ(୨୨) ।



ବାଇକରେ ଦୁହେଁ କୌଣସି କାର୍ଯ୍ୟରେ ଛେଳିଗଡ଼ରୁ ଆର.ଉଦୟଗିରି ଅଭିମୁଖେ ଯିବାବେଳେ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ଆର.ଉଦୟଗିରି ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରୁଛି । ଏଥିସହ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଛି । ଏହି ଦୁର୍ଘଟଣାର ତଦନ୍ତ ଚାଲିଥିବା ଆର.ଉଦୟଗିରି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି । ଜାତୀୟ ରାଜପଥ ୩୨୬ର ଅଧିକାଂଶ ପୋଲରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଗାର୍ଡୱାଲ୍ ନିର୍ମାଣ କରାଯାଇ ନାହିଁ । ଏଥିଯୋଗୁଁ ଏଭଳି ଦୁର୍ଘଟଣା ହେଉଛି । ଅତିଶୀଘ୍ର ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

# ସାମ୍ବାଦିକଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇବାକୁ ଦାବିପତ୍ର

**ବ୍ରହ୍ମପୁର, ୨୦ ।୩(ସମିସ):** ପ୍ରମିଳା ଦେବୀ ମହିଳା କଲ୍ୟାଣ ସଂଘ ପକ୍ଷରୁ ବୁଧବାର ସାମ୍ବାଦିକ ମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇବା ଦାବି ନେଇ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ସାମ୍ବାଦିକମାନେ ଅନେକ ସମୟରେ ସତ୍ୟକୁ ସାମ୍ନାକୁ ଆଣିଥାନ୍ତି । ଏହା ସହ ଅସହାୟ ଓ ନିର୍ଯାତିତା ମାନଙ୍କ ନିମନ୍ତେ ଲଢେଇ କରି ନ୍ୟାୟ ଦେବାରେ ସହଯୋଗ କରିଥାନ୍ତି । ନିଜ ପରିବାର ସଦସ୍ୟଙ୍କୁ ସଠିକ ସମୟ ନଦେଇ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରିଥିବା ସାମ୍ବାଦିକଟି ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତାରୁ ବଞ୍ଚିତ ରହୁଥିବା ସଂଘ ପକ୍ଷରୁ ଦାବି ହୋଇଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ସାମ୍ବାଦିକ ମାନଙ୍କ ପାଇଁ ସରକାର ତରଫରୁ ଘର, ଭତ୍ତା, କର୍ଯ୍ୟସମୟରେ ବିଭିନ୍ନ ଖର୍ଚ୍ଚ, ସାମ୍ବାଦିକମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ଓ ମାସିକ ଦରମା ଲାଗୁ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘର ସଭାପତି ପ୍ରମିଳା ତ୍ରିପାଠୀଙ୍କ ସମତେ ଅନ୍ୟମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।



ହୋଲି ପାଇଁ ଚଳଚଞ୍ଚଳ ବଜାର

**● ଗୋଛାପଡ଼ା ଡବଲ ମର୍ଡର ଘଟଣା**

# ସୁଧାର ଗୃହ ଗଲେ ନାବାଳକ

**ଫୁଲବାଣୀ, ୨୦।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ବହୁଚର୍ଚ୍ଚିତ ପୂର୍ବତନ ୱାର୍ଡସଭ୍ୟ ଦମ୍ପତି ହତ୍ୟା ଘଟଣାରେ ବୁଧବାର ଗୋଛାପଡ଼ା ପୁଲିସ ଜଣେ ନାବାଳକଙ୍କୁ ଧରି ସୁଧାର ଗୃହ ପଠାଇଛି । ଆଗରୁ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସୁନୀଲ ଦିଗାଲ ସମେତ ଦଶ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନା ଥାଉକି ଗତ ଆଠ ତାରିଖ ଦିନ ଫିରିଙ୍ଗିଆ ବ୍ଲକ ଲୁଇସିଂ ପଂଚାୟତ ଗୁମାନଦଣୀ ଗାଁର ଡାହିରା କହଁର ଓ ତାଙ୍କ ସ୍ତ୍ରୀ ବତାସୀ କହଁରଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ ଅଭିଯୁକ୍ତ । ଘଟଣାକୁ ନେଇ ଗୋଛାପଡ଼ା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ତଦନ୍ତ କରାଯାଇଥିଲା । ପୁଲିସ ହତ୍ୟାରେ ବ୍ୟବହୃତ ହାତୁଡି ଜବତ କରିବା ସହ ଦଶ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଗୁଣିଗାରେଡିକୁ ନେଇ ଏହି ହତ୍ୟା ହୋଇଥିବା ସ୍ୱଷ୍ଟ କରିଥିଲା ପୁଲିସ । ବୁଧବାର ନାବାଳକ ଅଭିଯୁକ୍ତ ଗିରଫ ପରେ ଗିରଫଦାରୀ ସଂଖ୍ୟା ଏଗାରରେ ପହଞ୍ଚିଛି । ବର୍ତ୍ତମାନ ସୁଦ୍ଧା ଘଟଣାର ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି । ଅଧିକ ତଦନ୍ତ ଜାରୀ ରହିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ।

**● ବଦଳି ଆଦେଶ ସତ୍ତ୍ୱେ ଥାନା ଛାଡ଼ିନଥିଲେ ବହୁ ପୁଲିସ ବାବୁ**

# ରାତିଅଧିଆ ରିଲିଭ୍ ହେଲେ ବହୁ ଅଧିକାରୀ

**ବ୍ରହ୍ମପୁର,୨୦।୩(ସମିସ):** ୨୦୨୪ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବରିଷ୍ଠ ପୁଲିସ ଅଧିକାରୀଙ୍କ ଠାରୁ ପୁଲିସ ଏଏସ୍ଆଇ ପର୍ଯ୍ୟନ୍ତ ସମସ୍ତ ବର୍ଗରେ ବଦଳି କରାଯାଇଛି । ମଙ୍ଗଳବାର ବଦଳି ହୋଇଥିବା ସମସ୍ତ ଅଫିସରଙ୍କୁ ତୁରନ୍ତ ରିଲିଭ ହେବାକୁ ବ୍ରହ୍ମପୁର ଏସପି ନିର୍ଦ୍ଦେଶ ଦେଇଛନ୍ତି । ସେହିକ୍ରମେ ବଦଳି ହୋଇଥିବା ବିଭିନ୍ନ କାରଣରୁ ରିଲିଭ୍ ହୋଇନଥିବା ବହୁ ପୁଲିସ ବାବୁ ନିଜ ପୂର୍ବ ସ୍ଥାନ ଛାଡି ନୂତନ ସ୍ଥାନରେ ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୩ ନଭେମ୍ବର ୬ତାରିଖରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୧୯ଜଣ ଏସଆଇ ଓ ୯ଜଣ ଏଏସଆଇଙ୍କ ବଦଳି ହୋଇଥିଲା । ସମସ୍ତ ଥାନା, ରିଜର୍ଭ ଇନ୍ସପେକ୍ଟରଙ୍କୁ ଏହି ନିର୍ଦ୍ଦେଶର ନକଲ ପଠାଯାଇଥିଲା । ତେବେ ବିଭିନ୍ନ କାରଣରୁ ଏସଆଇ ଓ ଏଏସଆଇ ମାନେ ପୁରୁଣା ଥାନାରେ ହିଁ କାମ କରୁଥିଲେ । ମଙ୍ଗଳବାର ତରବରିଆ ଭାବେ ପ୍ରାୟ ସମସ୍ତେ ରିଲିଭ୍ ହୋଇଛନ୍ତି । ଏଭଳି ସ୍ଥିତିରେ ବିଭିନ୍ନ ଥାନାରୁ ଏସଆଇ ଓ ଏଏସଆଇଙ୍କ ବଦଳି ପରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଥାନାଗୁଡିକରେ ଅଫିସରଙ୍କ କୃତ୍ରିମ ଅଭାବ ଦେଖିବାକୁ ମିଳିଛି । ବୁଧବାର କିଛି ପୁଲିସ ଅଧିକାରୀ ନୂତନ ସ୍ଥାନରେ କାର୍ଯ୍ୟରେ ଯୋଗ ଦେଇ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି ।

# ଅଦାଲତ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ



**କୋଦଳା,୨୦ ।୩(ସମିସ):** ବୁଧବାର କୋଦଳା କୋର୍ଟ ପରିସରରେ ନୂତନ କୋଠା ନିର୍ମାଣ ପାଇଁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ । କୋଦଳା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ୩୦ଟି କୋଠା ନିର୍ମାଣ ହେବ । କୋଦଳା ଏନଏସି କାର୍ଯ୍ୟାଳୟ ପାଶ୍ୱର୍ରେ ସଂରକ୍ଷିତ ଥିବା ବିରାଟ ଜାଗାରେ ଏହି କୋଠା ନିର୍ମାଣ ହେବାକୁ ସ୍ଥିର ହୋଇଥିବାବେଳେ ଅର୍ଥ ମଞ୍ଜୁର ହୋଇଥିଲା । ଏଠାରେ ସମସ୍ତ ଅଦାଲତ ଥିବାବେଳେ ବହୁ ବିଚାରଧୀନ ମାମଲା ମଧ୍ୟ ରହିଛି । ବୁଧବାର ଏହାର ଭିତ୍ତିପ୍ରସ୍ତର ସହିତ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଜଜ, କୋର୍ଟ କର୍ମଚାରୀ, ଓକିଲ ଓ ଜନସାଧାରଣ ଖୁସିବ୍ୟକ୍ତ କରିଥିଲେ । ଏଥିରେ ଅତିଥିଭାବେ ଗଞ୍ଜାମ ଜିଲ୍ଲା ଜଜ୍ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଚିନ୍ମୟ ଗୋଚ୍ଛାୟତ, ଜେଏମଏଫସି ବିମଳ ଲକ୍ଷ୍ମୀ ଚୌଧୁରୀ, ସିଭିଲ ଜଜ୍ ବନାଳୀ ତ୍ରିପାଠୀ, ସରକାରୀ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ଜେଏମଏଫସି ସରକାରୀ ଆଇନଜୀବୀ ସୁବ୍ରମଣୀ ଦାସ, ବରିଷ୍ଠ ଆଇନଜୀବୀ ଭଗବାନ ହୋତା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅବନୀ ମିଶ୍ର, ମାନସ କୁମାର ମିଶ୍ର, ଗୋପାଳ ସାହୁ, ସରକାରୀ ଓକିଲ ନୀଳାଞ୍ଚଳ ପୋଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୁଗୁଡ଼ା,୨୦ ।୩(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଚଲୁଣ୍ଡି ଗ୍ରାମରେ ମା' ବ୍ୟାଘ୍ରଦେବୀ, ମା' ବ୍ରାହ୍ମଣୀ ଦେବୀ ଓ ମା' କନ୍ଧୁଣି ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ମଣ୍ଡଳ କରଣ,କଳସ ଯାତ୍ରା ଓ ଅଙ୍କୁରା ରୋପଣ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ । ସୋମବାର ସୂର୍ଯ୍ୟପୂଜା, ଶାଳା ପୂଜା, ଅଗ୍ନି ସ୍ଥାପନ, ଘୃତ ଯଜ୍ଞ, ବନ ଯୋଗ, ରତ୍ନମୁଦ, ଦାରୁଆ ନୟନ ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ପୋଚାଲୁଣ୍ଡି, ଗରାଇଝୁଲି, ମାଳତୀବାଡ଼ି, ସାନଖୋଲି ଓ ଜେନାପୁର ଗ୍ରାମର ନାମ ଦଳ ଯୋଗ ଦେଇ ୨୪ ପ୍ରହର ନାମ ସଂକୀର୍ତ୍ତନ କରିଥିଲେ । କାର୍ଯ୍ୟକ୍ରମରେ ଯଜ୍ଞ ଆଚାର୍ଯ୍ୟ ଭାବେ ତନରଡ଼ା ଗ୍ରାମର ଶାନ୍ତନୁ ଦାଶ, ନାମ ଆଚାର୍ଯ୍ୟ ଭାବେ କଟକ ଜିଲ୍ଲା ନେମାଳର ଦିନ ଦୟାଲ ମହାରାଜ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ



ରମେଶ ବିଷୋୟୀ ଦାୟିତ୍ୱ ତୁଲାଇଛନ୍ତି । ସରପଞ୍ଚ ସୁଜାତା କୁମାରୀ ପ୍ରଧାନ, ଯଜ୍ଞ କମିଟି ସଭାପତି ଭାସ୍କର ଜେନା, କାର୍ଯ୍ୟକାରୀ ସଭାପତି ଭଗବାନ ଜେନା, ସମ୍ପାଦକ ପବିତ୍ର ମୋହନ ପ୍ରଧାନ, କୋଷାଧ୍ୟକ୍ଷ ବିପ୍ର ଚରଣ ଜେନାଙ୍କ ସମେତ କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ବୁଗୁଡା,୨୦ ।୩(ସମିସ):** ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଭୂତି ଭୂଷଣ ବେହେରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରାକ୍ତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ବଦଳି ପରେ ଗତ ଫେବୃୟାରୀ ୧୩ ତାରିଖରୁ ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । କାର୍ଯ୍ୟରେ ଯୋଗଦାନ ପରେ ଏନଏସି କର୍ମଚାରୀମାନେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ବାଇକ୍ ଚୋରି ରାକେଟର ପର୍ଦ୍ଦାଫାସ୍, ୩ଜଣଙ୍କୁ କୋର୍ଟ ଚାଲାଣ




**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୦।୩(ସମିସ):** କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ବାଇକ୍ ଚୋରି ଘଟଣାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ସୂଚନା ଦେଇଛନ୍ତି । ଅଞ୍ଚଳରେ ଗତ ୧୩ ତାରିଖ ଦିନ ମୁଣ୍ଡିଗାଁ ଗ୍ରାମର ଦିପୁ ମଲ୍ଲିକ (୩୪) ଥାନାରେ ନିଜ ବାଇକ୍ ଚୋରି ହୋଇଥିବା ନେଇ ଲିଖିତ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ କରି ୩ ଚୋରି ବାଇକ୍ ଉଦ୍ଧାର କରିଥିବା ଜଣାପଡ଼ିଛି । ଏହି ଚୋରି ରାକେଟରେ ସମ୍ପୃକ୍ତ ଥିବା ୧୦ ଜଣ ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖି ପଚରା ଉଚରା କରିବା ପରେ ସେଥି ମଧ୍ୟରୁ ୭ ଜଣ ନାବାଳକ ଥିବାରୁ ପରିବାର ଲୋକଙ୍କ ଜିମାରେ ଛାଡିଥିବା ବେଳେ ଆଉ ୩ ଅଭିଯୁକ୍ତ ରୋହିତ ନାୟକ (୨୩), ରଚିତ କୁମାର ରାୟ (୨୦) ଓ ଆକାଶ ବଳିୟାରସିଂ (୧୮) କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି ।

# ଦୁର୍ଘଟଣାରେ ଜଣେ ଗୁରୁତର

**ବୁଗୁଡା, ୨୦ ।୩(ସମିସ):** ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମ ନିକଟ ରାସ୍ତାରେ ବୁଧବାର ରାତି ପ୍ରାୟ ସାଢେ ୮ବେଳେ ଏକ ଅଟୋ(ନଂ-ଓଡି-୦୨ୱାଇ ୨୪୮୧) ଭାରଶ୍ୟାମ ହରାଇ ଓଲଟି ପଡ଼ିବାରୁ ଜଣେ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ପାତାଳସିଙ୍ଗି ଗ୍ରାମର ବସନ୍ତ କୁମାର ନାୟକ । ବସନ୍ତ ତାଙ୍କର ତିନି ଜଣ ସମ୍ପର୍କୀୟଙ୍କ ସହ ମିଶି ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମରୁ ଭୋଜି କାର୍ଯ୍ୟରେ ଯୋଗ ଦେଇ ଫେରୁଥିବା ବେଳେ ଗୋଲିଆ ଗାଁ ନିକଟ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଆହତ ମାନଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ବସନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାବେଳେ ଅନ୍ୟମାନଙ୍କୁ ସାମାନ୍ୟ ଆଘାତ ଲାଗିଥିଲା । ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

## ଲଗାଣ ବର୍ଷାରେ ଖସିଲା ମାଟି ଅତଡ଼ା

# ଓଡ଼ିଶା ରାସ୍ତାରୁ ବିଚ୍ଛିନ୍ନ ହେଲା ଗଙ୍ଗାବାଡ଼ ପଞ୍ଚାୟତ

**ରାୟଗଡ଼, ୨୦ ।୩(ସମିସ)**



ଲଘୁଚାପ ପ୍ରଭାବରେ ତିନି ଦିନ ଧରି ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଛି । ଏହାର ପ୍ରଭାବରେ କଇଁପୁର ଠାରୁ ବଡପାଟେଡିଆ ରାସ୍ତା ମଧ୍ୟରେ ଖସିଛି ମାଟି ଅତଡା । ଏଥିଯୋଗୁଁ ନିର୍ମାଣଧିନ ପଥର ପ୍ୟାକିଂ ରାସ୍ତା ଧୋଇ ହୋଇ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ପିଏମଜିଏସୱାଇ ଯୋଜନାରେ ଏହି ଘାଟି ରାସ୍ତା କାର୍ଯ୍ୟ ହୋଇଥିବା ଜଣାପଡ଼ିଛି । ତେବେ ଏହି ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବାରୁ ଏପରି ପଥର ପ୍ୟାକିଂ ଖସି ଯାଇଥିବାର ଅଭିଯୋଗ ହୋଇଛି । ଯାହା ଫଳରେ ପାହାଡର ମାଟି ଅତଡା ଓ ପଥର ଗୁଡିକ ରାସ୍ତା ଉପରେ ପଡ଼ି ରହିଛି । ଫଳରେ ଏହି ରାସ୍ତା ଉପରେ କୋଡିଏରୁ ଅଧିକ ନିର୍ଭର କରୁଥିବା ଗ୍ରାମବାସୀଙ୍କ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଇଛି । ବର୍ଷା ଲାଗିରହିଥିବା ହେତୁ ଉକ୍ତ ରାସ୍ତା ଦେଇ ଯିବାଆସିବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଓଡ଼ିଶା ରାସ୍ତାରୁ ବିଚ୍ଛିନ୍ନ ହୋଇଛି ଗଙ୍ଗାବାଡ ପଞ୍ଚାୟତ । ଏହି ରାସ୍ତା ଓଡ଼ିଶା ତଥା ବ୍ଲକ ସଦରକୁ ସଂଯୋଗ କରୁଥିବାରୁ ଗୁରୁତ୍ୱପୂର୍ଣ୍ଣ । ଗତ ତିନି ଦିନ ଧରି ଏହି ଅଞ୍ଚଳରେ ଲାଗିରହିଛି ଅଦିନିଆ ବର୍ଷା । ଏହି ବର୍ଷା ନିମ୍ନମାନର କାମକୁ ଭୁଶୁଡି ଦେଇଥିବାର ଆଲୋଚନା ହେଉଛି । ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

■ ଜିଲ୍ଲାରେ ଲଗାଣ ବର୍ଷା

# ରବି ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା

**ଛତ୍ରପୁର,୨୦।୩(ସମିସ):** ପାଗ ପୂରା ଓଲଟିଗଲା। ଖରାକୁ ଠେଲି ଅଚାନକ ଯେମିତି ବର୍ଷା ପଶି ଆସିଛି। ଜିଲ୍ଲାରେ ବର୍ଷା ଲାଗିରହିଛି। କେଉଁଠି ଅସରାଏ, ଆଉ କେଉଁଠି ନିର୍ଧୁମ ଛେଚୁଛି। ସ୍ଥାନେ ସ୍ଥାନେ ଡରାଇଛି ପବନ ସହ ଘଡ଼ଘଡ଼ି। ତାପମାତ୍ରା ଏତେ ଖସିଛି ଯେ ବାତାବରଣ ପୂରା ଥଣ୍ଡା। ଗତ ୨୪ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ୧୯.୫୮ ପ୍ରତିଶତ ହାରରେ ୪୮୯.୫ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ସେଥିମଧ୍ୟରୁ ଛତ୍ରପୁରରେ ୧୦ ମିଲି ମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମରେ ୯ ମିଲି ମିଟର, କବିସୂର୍ଯ୍ୟନଗରରେ ୧୯.୫, ପୋଲସରାରେ ୨୮.୨, କୋଦଳାରେ ୧୫ ମିଲି ମିଟର, ଖଲ୍ଲିକୋଟରେ ୯, ହିଞ୍ଜିଳିକାଟୁରେ ୫ ମିଲି ମିଟର, ରଙ୍ଗେଇଲୁଣ୍ଡାରେ ୩୩ ମିଲି ମିଟର, କୁକୁଡ଼ାଖଣ୍ଡିରେ ୧୨ ମିଲିମିଟର, ଚିକିଟିରେ ୨୫, ପାତ୍ରପୁରରେ ୨୮.୪, ସାନଖେମୁଣ୍ଡିରେ ୧୭, ଦିଗପହଣ୍ଡିରେ ୧୮, ଭଞ୍ଜନଗରରେ ୪୩, ବେଲଗୁଣ୍ଠାରେ ୨୩.୨, ଜଗନ୍ନାଥପ୍ରସାଦରେ ୪୦.୨, ବୁଗୁଡ଼ାରେ ୨୧ ମିଲି ମିଟର, ଆସ୍କାରେ ୨୩.୬ ମିଲି ମିଟର, ଧରାକୋଟରେ ୩୦, ଶେରଗଡ଼ରେ ୧୯, ସୋରଡ଼ାରେ ୨୫, ଗୋପାଳପୁରରେ ୧୧ ମିଲି ମିଟର ହୋଇଥିବା ସୂଚନା ମିଳିଛି। ସେପଟେ ୍ରଅଦିନିଆ ବର୍ଷାରେ ପନିପରିବା ସହ ମୁଗ, ବିରି, କୋଳଥ ଭଳି ରବି ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି।

# ଘୋଡ଼ାଦେଇ ମନ୍ଦିରରୁ ଚୋରି

**ଧରାକୋଟ,୨୦।୩(ସମିସ):** ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅଧିନସ୍ଥ ବେଠୁଆର ଗ୍ରାମର ପ୍ରସିଦ୍ଧ ଶକ୍ତି ପୀଠ ମା’ଘୋଡାଦେଇ ମନ୍ଦିର ଭିତର ହୁଣ୍ଡିରୁ ମଙ୍ଗଳବାର ରାତିରେ ଟଙ୍କା ଚୋରି ହୋଇଥିବା ଜଣାଯାଇଛି। ସବୁଦିନ ଭଳି ବୁଧବାର ଦିନ ସକାଳୁ ପୂଜକ ଜାନୀ ଓ ଗାଁ ଲୋକେ ମନ୍ଦିର ଖୋଲିବାକୁ



ଯିବାବେଳେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ଭାଙ୍ଗି ତଳେ ପଡ଼ିଥିବା ବେଳେ ହୁଣ୍ଡିକୁ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ଗାଁ ଲୋକଙ୍କୁ ଖବର ଦିଆଯିବା ପରେ ମନ୍ଦିର କମିଟିର ନିଷ୍ପତ୍ତି ପରେ ବଡଗଡ଼ ଥାନାରେ ଏତଲା ଦିଆଯାଇଥିଲା। ହୁଣ୍ଡିରେ ପ୍ରାୟ ପଚାଶ ହଜାର ଟଙ୍କା ରହିଥିବା ଅନୁମାନ କରାଯାଉଛି। ପ୍ରକାଶଯୋଗ୍ୟ ମନ୍ଦିର ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟ କେତେକ ଜିଲ୍ଲାରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ବର୍ଷ ସାରା ମା’ଙ୍କର ପୂଜାର୍ଚ୍ଚନା ସହ ବିଭିନ୍ନ ପର୍ବ ପର୍ବାଣୀରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ମଧ୍ୟ କରାଯାଏ।

ବଡ଼କୋଦଣ୍ଡା ବୋମାମାଡ଼ ଘଟଣା

# ୭ ଜଣଙ୍କୁ ୫ ବର୍ଷ ଲେଖାଏଁ ଜେଲ୍

**ଭଞ୍ଜନଗର, ୨୦।୩(ସମିସ):** ୨୦୦୨ ଫେବୃଆରି ୨୩ ତାରିଖ ରାତିରେ ବଡ଼କୋଦଣ୍ଡା ଗ୍ରାମର କିଶୋର ଚନ୍ଦ୍ର ପୃଷ୍ଟି ନିଜ ମିଲ୍ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଲିଙ୍ଗରାଜ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଘରକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲେ। ଫଳରେ କିଶୋର ପ୍ରାଣ ବିକଳରେ ଆଉ ଜଣେ ବ୍ୟକ୍ତିଙ୍କ ଘରେ ପଶିଯାଇ କବାଟ ବନ୍ଦ କରି ଦେଇଥିଲେ। ତେବେ ଅଭିଯୁକ୍ତମାନେ ଗାଁରେ ଆତଙ୍କ ଖେଳାଇବା ସହ ନିକଟରେ ଥିବା ଆଉ କିଛି ଲୋକଙ୍କ ଘରକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲେ। ଏଥିରେ ୪ଜଣ ଆହତ ହୋଇଥିଲେ। ସେହିପରି କିଶୋରଙ୍କ ଉପରକୁ ବୋମାମାଡ଼ ହୋଇଥିଲେ ହେଁ, ସେ କୌଣସି ପ୍ରକାରେ ବର୍ତ୍ତି ଯାଇଥିଲେ। ଏନେଇ କିଶୋର ଭଞ୍ଜନଗର ଥାନାରେ ଏତଲା ଦେବା ପରେ ଭଞ୍ଜନଗର ଥାନାରେ କେସ୍ ନମ୍ବର ୪୬/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ୨୦୦୨ର ଏହି ବୋମାମାଡ଼ ମାମଲାର ବିଚାରଣା କରି ବରିଷ୍ଠ ଦେୱାନୀ ଜଜ୍ ସୋମାଲିନା ମିଶ୍ର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ୯ ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କୁ ୫ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ୫ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ଚୂଡ଼ାନ୍ତ ରାୟରେ ଦର୍ଶାଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ବସନ୍ତ କୁମାର ପାଢ଼ୀ, ବିଶ୍ୱନାଥ ପୃଷ୍ଟି, ବାବୁଲା ବେହେରା, ଦଣ୍ଡାସି ବିଷୋୟୀ, ପର୍ଶୁରାମ ପ୍ରଧାନ, ଅଶୋକ କୁମାର ସାହୁ ଓ ଗୌରୀ ସ୍ୱାଇଁ। ବରିଷ୍ଠ ଦେୱାନୀ ଜଜ୍ (କେସ୍‌ନଂ ଏସ୍‌ଟି: ୩୮/୨୦୦୬) ମାମଲାର ବିଚାରଣା କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦିବାକର ନାୟକ ମାମଲା ପରିଚାଳନା କରିଥିଲେ।

ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା

# ବିନା ଟେଣ୍ଡରରେ ହେଉଛି ଉନ୍ନୟନ କାର୍ଯ୍ୟ

**ଗଞ୍ଜାମ,୨୦।୩(ସମିସ):** ଗଞ୍ଜାମ ବ୍ଲକରେ ହେଉଥିବା କିଛି ଉନୟନ କାର୍ଯ୍ୟକୁ ବିନା ଟେଣ୍ଡର କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନିର୍ବାଚିତ ପ୍ରତିନିଧି ନାପସନ୍ଦ କରିଛନ୍ତି। ଏନେଇ ସେମାନେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ବୋଲି କହିଛନ୍ତି। ବ୍ଲକର କିଛି ଅଧିକାରୀ ଓ ନିର୍ଦ୍ଦିଷ୍ଟ କିଛି ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଏଭଳି ଅନିୟମିତତା କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଗଞ୍ଜାମ ମହାବିଦ୍ୟାଳୟକୁ ୫୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସହିଦ ଭଗତ ସିଂ କଲେଜକୁ ମଧ୍ୟ ଏହି ଯୋଜନାରେ ୧୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ନିୟମ ଅନୁସାରେ ସରକାରୀ ଭାବେ ଟେଣ୍ଡର ମାଧ୍ୟମରେ ଏହି କାର୍ଯ୍ୟ କରାଯିବା ନିୟମ ରହିଥିଲେ ମଧ କିଛି ଅଫିସର ଏହାକୁ ବିନା ଟେଣ୍ଡର କରିବା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ବ୍ଲକ ଏଇଇ ସୁଶୀଲ ପଣ୍ଡାଙ୍କୁ ପଚାରିବାରୁ ଆମେ ଅନ ଲାଇନରେ ଟେଣ୍ଡର କରିଥିଲୁ ବୋଲି କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ସହ ଉପଯୁକ୍ତ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

# ଭଲ ମଣିଷ ଗଢ଼ିବା ପାଇଁ ଆହ୍ୱାନ




**ରଙ୍ଗେଇଲୁଣ୍ଡା, ୨୦।୩(ସମିସ):** ବୁଧବାର ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ କନିସି ହାଟସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରଫେସର ଡ଼ ନିହାର ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଫେସର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷ ପ୍ରଫେସର ଡ଼ ଶ୍ରୀକାନ୍ତ ପାଇକରାୟ ଯୋଗ ଦେଇଥିଲେ। ଭଲ ମଣିଷ, ଭଲ ନାଗରିକ ଶ୍ରେଣୀ କୋଠରୀ ଭିତରେ ଗଢ଼ିବା ପାଇଁ ମୁଖ୍ୟବକ୍ତା ଶ୍ରୀ ତ୍ରିପାଠୀ ଉପଦେଶ ଦେଇଥିଲେ। ଅତିଥି ମାନେ ଅଧ୍ୟକ୍ଷ ଶ୍ରୀ ପାଇକରାୟଙ୍କୁ ସମ୍ମାନିତ କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଲା। ଏହି ଅବସରରେ ଛାତ୍ରୀ ପରାମର୍ଶଦାତା ମହେଶ କୁମାର ତ୍ରିପାଠୀ, ଭୁବେନେଶ୍ୱରି ମିଶ୍ର, ଛାତ୍ର ସଭାପତି ରାଜା ପାତ୍ର, ଉପସଭାପତି ଆଶିଷ ଚାନ୍ଦ ପରିଛା, ସାଧାରଣ ସମ୍ପାଦକ ପ୍ରଭାତୀ ମହାରଣା, ସହ ସମ୍ପାଦକ ବିରାଜ ପ୍ରଧାନ, ଡ଼ ନିବେଦିତା କର, ଡ଼ ରାମ ଚନ୍ଦ୍ର ମାଝୀ, ଡ଼ ସନ୍ତୋଷ କୁମାର ଜେନା, ଡ଼ ବାବୁ ରାମ ପାଣି, ଡ଼ ସୁରନ୍ଦିତା ମୁନି, ଡ଼ ଦିଲ୍ଲୀପ କୁମାର ଦଳେଇ, ଡ଼ ନମିତା ପ୍ରଧାନ, ରଶ୍ମିତା ପାତ୍ର, ମୀନ ଶବର, ଦୀପକ କୁମାର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ବେହେରା ଓ କର୍ମୀଚାରି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

■ ପାଣି ପାଇଁ ଡହଳ ବିକଳ ଛତ୍ରପୁରବାସୀ

# କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ

**ଛତ୍ରପୁର,୨୦।୩(ସମିସ):** ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ପାନୀୟ ଜଳ ପାଇଁ ଲୋକେ ଏବେଠୁ ଡହଳବିକଳ ହେବାର ଦେଖିବାକୁ ମିଳିଛି। ଖରା ଦିନ ଆସିବା ପୂର୍ବରୁ ଜନ ସାଧାରଣ ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ଚଳିତ ବର୍ଷ ଦେଖିବାକୁ ମିଳିଛି। ଯାହାକି, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମ ଖିଆଲି ନୀତି ଯୋଗୁଁ ଜନ ସାଧାରଣ ମାନେ ବିଶୁଦ୍ଧ ପାନୀୟ ଜଳ ପିଇବାରେ ବଞ୍ଚିତ ହେଉଛନ୍ତି। ସାଧାରଣ ନିର୍ବାଚନ ନିମନ୍ତେ ବିଗୁଲ ବାଜିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଲୋକଙ୍କ କଥା ବୁଝିବ କିଏ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଗତ ସପ୍ତାହେ ଧରି ଛତ୍ରପୁର ସହରର ବିଭିନ୍ନ ସାହି ବାସିନ୍ଦା ମାନେ ଟୋପାଏ ପାଣି ନିମନ୍ତେ ଡହଳ ବିକଳ ହେଉଛନ୍ତି। ଲୋକଙ୍କ ଅଭିଯୋଗକୁ ବିଭାଗୀୟ କର୍ମଚାରୀ ଓ ଅଧିକାରୀ ମାନେ ଏହାକୁ କର୍ଣ୍ଣ ପାତ କରୁନଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରାମଲକ୍ଷ୍ମୀ ନଗର ପ୍ରଥମ ଗଳି, କୋର୍ଟ ଷ୍ଟେସନ ସାହି, ସାମ୍ରାଜ୍ୟ ପେଟା ସାହି, ତାଡେପଲ୍ଲୀ ସାହି, ରାମ ନଗର, ଭାସ୍କର ରାଓ ପେଟା ସାହି ସମେତ ବିଭିନ୍ନ ସାହିକୁ ପାଣି ମିଳୁନଥିବା ଅଭିଯୋଗ ହୋଇଛି। ଏହା ସହିତ କିଛି ସାହିକୁ କଳା ଓ ଦୂଷିତ ପାଣି ଆସୁଥିବା ଦେଖିବାକୁ ମିଳିଛି। ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ସହ ନେଇ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ୟାନର ହଟାଇଲା ପ୍ରଶାସନ



**ଛତ୍ରପୁର,୨୦।୩(ସମିସ):** ଚଳିତ ସାଧାରଣ ନିର୍ବାଚନ ଲାଗି ଗତ ମାର୍ଚ୍ଚ ୧୬ ତାରିଖ ଦିନ ଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ଓ ବ୍ୟାନରକୁ ବୁଧବାର ପ୍ରଶାସନ ପକ୍ଷରୁ ହଟାଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିଙ୍କ ପୋଷ୍ଟର ଓ ବ୍ୟାନରକୁ ହଟାଯାଇଛି।

# ବିଶିଷ୍ଟ ସମାଜସେବୀଙ୍କ ପରଲୋକ



**ଭଞ୍ଜନଗର,୨୦।୩(ସମିସ):** ଆଉ ନାହାନ୍ତି ପ୍ରତାପୁର ଗ୍ରାମର ଦେବହରି ପ୍ରଧାନ। ଗତ ସୋମବାର ପୂର୍ବାହ୍ନ ୧୦ଟା ୪୫ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଯିଏକି ଏକଧାରରେ ଜଣେ ଶିକ୍ଷକ, ଉତ୍ତମ ଚାଷୀ ଭାବରେ ଅଞ୍ଚଳରେ ଖୁବ ପରିଚିତ। ସେ ତାଙ୍କ ଜୀବନ କାଳରେ ଉତ୍ତମ ଶିକ୍ଷା ଦେଇ ଅନେକ ଭଲ ଛାତ୍ର ପ୍ରସ୍ତୁତ କରିଛନ୍ତି। ରାସ୍ତା କଡରେ ବାଟୋଇଙ୍କ ପାଇଁ କୂଅ ଖୋଳିବା ଓ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା ନିଜ ଖର୍ଚ୍ଚରେ କରି ଚର୍ଚ୍ଚାକୁ ଆସିଥିଲେ। ନିଜ ପିତାଙ୍କୁ ସେ ଖୁବ ଭଲ ପାଉଥିଲେ। ସେ ନିଜ ପିତା ନଟବର ପ୍ରଧାନଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା କରି ତାଙ୍କ ସମାଜ ପାଇଁ କରିଥିବା କାମ ଗୁଡିକୁ ଖୋଦିତ ଅକ୍ଷରରେ ଲେଖିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନିପୁଅ ମୁନା, ହୁନା ଓ ଗୁନା ଏବଂ ଝିଅ ରିନା ସହିତ ପୁତ୍ରବଧୂ ଓ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମାପନ କରାଯାଉଛି। ତାଙ୍କ ବିୟୋଗରେ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ମଦ ଜବତ, ଜଣେ ଗିରଫ

**ଖଲ୍ଲିକୋଟ, ୨୦।୩(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମରେ ଦୀର୍ଘ ଦିନ ହେଲା ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଫାଣ୍ଡି ଅଞ୍ଚଳରେ ବେଆଇନ ମଦ ବିକ୍ରି ବନ୍ଦ କରିଥିବାବେଳେ ଭେଜିପୁଟରେ କିନ୍ତୁ ମଦ ବିକ୍ରି ଚାଲିଥିଲା। ମଙ୍ଗଳବାର ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଭକ୍ତ ଚରଣ ମୁଖି ସଦଳବଳେ ଭେଜିପୁଟରେ ଚଢ଼ଉ କରି ୬୦ ଲିଟର ଦେଶୀ ମଦ ସହ ନଗଦ ୨୫୦୦ ଟଙ୍କା ଜବତ କରିଥିଲେ। ଏଥିସହ ଭେଜିପୁଟ ଓଡ଼ିଆ ସାହିର ଜଗନ୍ନାଥ ନାୟକ (୩୫) ଙ୍କୁ ଗିରଫ କରିଥିଲେ। ଏନେଇ ଖଲ୍ଲିକୋଟ ଥାନା କେସନଂ(୨୨୬/୨୪) ଅନୁଯାୟୀ ମାମଲା ରୁଜୁ ହୋଇଛି।

# ଗୁରୁଜୀ ପାଳିଲେ ପଖାଳ ଦିବସ

**ଛତ୍ରପୁର,୨୦।୩(ସମିସ):** ବୁଧବାର ବିଶ୍ୱ ପଖାଳ ଦିବସ। ଏହି ଦିନରେ ଓଡ଼ିଶାର ପ୍ରିୟ ଖାଦ୍ୟ ପଖାଳ ମଜା ନେବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି। ମାତ୍ର ଲଗାଣ ବର୍ଷା ପାଇଁ ପଖାଳ ଦିବସ ଫିକା ପଡ଼ିଛି। ଏହି ପାଗରେ ପଖାଳ ଖାଇବାକୁ ଅନେକ ଅନିଚ୍ଛା ପ୍ରକାଶ କରୁଥିବା



ବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପଖାଳ ଦିବସକୁ ନେଇ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଏହି ପାଗରେ ମଧ ଗୁରୁଜୀ ମାନେ ପଖାଳ ମଜା ନେବାକୁ ଭୁଲି ନାହାନ୍ତି। ଏହି ଅବସରରେ ପଖାଳ ସହ ମନଲୋଭା ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ସମସ୍ତ ଶିଶୁ, ଗୁରୁଜୀ, ଗୁରୁମା, ପରିଚାଳନା ସମିତିର ସମସ୍ତ ସଦସ୍ୟ ସାଙ୍ଗ ହୋଇ ପଖାଳ ସହ ଓଡ଼ିଆ ପାରମ୍ପରିକ ଖାଦ୍ୟ ଭୋଜନ କରି ମଜା ନେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଦିବସକୁ ସଂଯୋଜନା କରିଥିଲେ।

# ‘ଲୁହରେ ଆରମ୍ଭ ଲୁହରେ ଶେଷ’ମଞ୍ଚସ୍ଥ



**କବିସୂର୍ଯ୍ୟନଗର,୨୦।୩(ସମିସ):** କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ସୁନାପଲ୍ଲୀଠାରେ ସାମାଜିକ ନାଟକ ‘ଲୁହରେ ଆରମ୍ଭ ଲୁହରେ ଶେଷ’ ମଞ୍ଚସ୍ଥ ହୋଇଯାଇଛି। ବାଲୁଙ୍କେଶ୍ୱର ଯୁବ ନାଟ୍ୟ ସଂସଦ ତରଫରୁ ମଞ୍ଚସ୍ଥ ହୋଇଥିବା ନାଟକକୁ ଉଦଘାଟନ କରିଥିଲେ ଗଞ୍ଜାମ ଜୋନ୍ ବିଜେଡି ସଭାପତି ନଚିକେତା ସ୍ୱାଇଁ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ସାମିଲ ହୋଇଥିଲେ। କଳା ଓ କଳାକାରଙ୍କ ବିକାଶ ପାଇଁ ସରକାର ପ୍ରାଧାନ୍ୟ ଦେଉଛନ୍ତି ଏବଂ ଏହି କଳା ହିଁ ସମାଜରେ ସ୍ଥିରତା, ଜନସମ୍ପର୍କ ଏବଂ ବିକାଶର ବାର୍ତ୍ତାବହ ବୋଲି ମତ ପ୍ରକାଶ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ ମଧ୍ୟ ଆୟୋଜକ ଏବଂ ପୃଷ୍ଠପୋଷକମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ବରିଷ୍ଠ ଯାତ୍ରା ନିର୍ଦ୍ଦେଶକ ନିଲୁ ମିଶ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିବା ନାଟକରେ ମୁଖ୍ୟ ଭୂମିକାରେ ରଞ୍ଜନ କୁମାର ସେଠୀ, ମିଥୁନ କୁମାର ସେଠୀ, ଶିଶିର ଖଟାଇ, ସୁନୀଲ ଖଟାଇ, କୁନା ସାହୁ, ବଳରାମ ଗୌଡ଼, ନିଲୁ ଦଳାଇ, ଅର୍ଜୁନ ଖଟାଇ ଅଭିନୟ କରିଥିଲେ। ନାଟକ ପରିଚାଳନା ଦାୟିତ୍ୱ ପବିତ୍ର କୁମାର ସାହୁ ନେଇଥିବାବେଳେ ମ୍ୟାନେଜର ରୋହିତ ପରିଡ଼ାଙ୍କ ପ୍ରୟାସକୁ ସମସ୍ତେ ସାଧୁବାଦ ଜଣାଇଥିଲେ। ବାଲୁଙ୍କେଶ୍ୱର ଯୁବ ନାଟ୍ୟସଂସଦ ସଭାପତି ଉମାରଥ ଅତିଥି, କଳାକାର ଏବଂ ଦର୍ଶକଙ୍କୁ ଅକୁଣ୍ଠ ସ୍ନେହ, ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିଶ୍ୱ ଘରଚଟିଆ ଦିବସ ପାଳିତ

**ଗଞ୍ଜାମ, ୨୦।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋଷିକୁଲ୍ୟା କଇଁଚ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ଯୁବ ପରିବେଶବିତ



ରବୀନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଓଡ଼ିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥ ଠିଭାବେ ଯୋଗଦେଇ ଘର ଚଟିଆର ସୁରକ୍ଷା, ବଂଶ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଜୀବଟିର ସଂରକ୍ଷଣ ପାଇଁ ଯୁବ ପରିବେଶବିତ ଶ୍ରୀ ସାହୁଙ୍କ ପ୍ରଶଂସନୀୟ ଉଦ୍ୟମ ଓ ପୁରୁଣାବନ୍ଧ ଗ୍ରାମବାସୀଙ୍କ ସହଯୋଗ ପାଇଁ ପ୍ରଶଂସା କରିଥିଲେ। ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତିଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଘର ଚଟିଆର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ଶପଥ ନେଇଥିଲେ।

**ଭ ଞ୍ଜ ନ ଗ ର :** ଭ ଞ୍ଜ ନ ଗ ର ଶ୍ରୀରାମ ନଗର ସ୍ଥିତ ସାଇଗୁରୁକୁଳ ଆବାସିକ ବିଦ୍ୟାଳୟରେ ବିଶ୍ୱ ଘର ଚଟିଆ ଦିବସ ଅନୁଷ୍ଠାନର ଅଧ୍ୟକ୍ଷ ଅଜିତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଚ୍ଚ ୨୦ତାରିଖ ବିଶ୍ୱ ଘର ଚଟିଆ ଦିବସ ପାଳନର ଆବଶ୍ୟକତା ଏବଂ ପରିବେଶ ସୁରକ୍ଷା ବାବଦରେ ଆଲୋଚନା କରିଥିଲେ। ପ୍ରଧାନ ଗୁରୁଜୀ ପଞ୍ଚାନନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ପକ୍ଷୀଟିର ସୁରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ସକାଶେ ମତ ରଖିଥିବା ବେଳେ ଅଜିତ ଶତପଥୀ ଅଗାମି ଦିନରେ କୃତ୍ରିମ ବାସଗୃହ ତିଆର କରି ଏମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ବଞ୍ଚିବା ପାଇଁ ସୁଯୋଗ ଦେବା ସକାଶେ ଜନ ସଚେତନତା ସୃଷ୍ଟି କରିବା ଉପରେ ମତ ରଖିଥିଲେ। କୃତ୍ରିମ ବାସଗୃହରେ ଏହି ପକ୍ଷୀ ମାନଙ୍କୁ କିପରି ଶିକ୍ଷା ଅନୁଷ୍ଠାନ ଓ ମନ୍ଦିର ମାନଙ୍କରେ ରଖାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। କୃତ୍ରିମ ଗୃହ ପ୍ରଥମେ ଏହି ଅନୁଷ୍ଠାନରେ ରଖାଯାଇଛି। ମାମି ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଗତି ମହିଳା ସଂଗଠନର ପଖାଳ ଦିବସ ପାଳନ

**ପାରଳାଖେମୁଣ୍ଡି, ୨୦।୩ (ସମିସ):** ପାରଳାଖେମୁଣ୍ଡି ସହରର ୟୁଟେକ୍ କମ୍ପ୍ୟୁଟର ଏଜୁକେଶନ୍ ସେଣ୍ଟର ପରିସରରେ ପଖାଳ ଦିବସ ପାଳିତ ହୋଇଛି। ଏଥିରେ ଭାଗବତ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ହରିମୋହନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଡ.



ଭାରତୀ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ମନୋଜ ପଟ୍ଟନାୟକ, ପ୍ରଗତି ଅନୁଷ୍ଠାନର ଉପଦେଷ୍ଟା ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦିକା ତନୁଜା ଶତପଥୀ ମଞ୍ଚାସୀନ ଥିଲେ। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇ ପଖାଳର ଚାହିଦା ବୃଦ୍ଧି ପାଇଛି ଏବଂ ଆଞ୍ଚଳିକ ସ୍ତରରୁ ବିଶ୍ୱ ଦରବାରରେ କିଭଳି ଆଜି ରୁଚିବୋଧ ଓ ସମ୍ମାନିତ ହୋଇଛି ସେସମ୍ପର୍କରେ ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍କଳୀୟ ପରମ୍ପରା ଏବଂ ସଂସ୍କୃତିର ପଖାଳ କଂସା ବାସ୍ତବରେ ରଚିବୋଧ ଏବଂ ଏକତାର ଏକ ଜ୍ୱଳନ୍ତ ନମୁନା ବୋଲି କୁହାଯାଇଥିଲା। ଏହି ଅବସରରେ ପଖାଳ, କାଞ୍ଜି, ଶାଗଭଜା ପ୍ରସ୍ତୁତି ଏବଂ ତର୍କ ପ୍ରତିଯୋଗିତାର ଛାତ୍ର ଛାତ୍ରୀ ଓ ଗୃହିଣୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପାୟଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଡ୍ରେନ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଏନ୍‌ଏସି ଅଧିକାରୀଙ୍କୁ ଅଭିଯୋଗ କଲେ ଗ୍ରାମବାସୀ



**ଗଞ୍ଜାମ, ୨୦।୩(ସମିସ):** ଗଞ୍ଜାମ ଏନଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ଯୋଗୁଁ ବିଭିନ୍ନ ପ୍ରକଳ୍ପ ଗୁଡିକ ଅତି ନିମ୍ନ ମାନର ହେଉଥିବା ଚର୍ଚ୍ଚା ହେଉଛି। ଯାହାକି ଗଞ୍ଜାମ ଏନଏସି ଅନ୍ତର୍ଗତ ୯ନମ୍ବର ୱାର୍ଡ ବରପଲ୍ଲୀ ଗ୍ରାମରେ ହୋଉଥିବା ଡ୍ରେନ ପ୍ରକଳ୍ପ କାର୍ଯ୍ୟରୁ ସ୍ପଷ୍ଟ ହୋଇଛି। ଉକ୍ତ ଗ୍ରାମରେ ଡ୍ରେନ କାର୍ଯ୍ୟ ଚାଲିଥିବା ବେଳେ ଠିକାଦାର ଓ ଏନଏସି କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଉକ୍ତ କାର୍ଯ୍ୟ ନିମ୍ନ ମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉକ୍ତ ଡ୍ରେନ ଉପରେ କରାଯାଇଥିବା ଛୋଟିଆ ପୋଲଟି ଅଣ ଓସାରିଆ ହେଉଥିବା ଫଳରେ ଗ୍ରାମ ମଧ୍ୟକୁ କୌଣସି ୪ଚକିଆ ଯାନ ଯିବା ଆସିବା କରିବା ସମ୍ଭବ ହୋଇପାରିବ ନାହିଁ। ଯାହାକୁନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖଦେଇଛି। ଏନେଇ ଏନଏସି କନିଷ୍ଠ ଯନ୍ତ୍ରୀ ପ୍ରକଳ୍ପ ତଦାରଖ କରିବାକୁ ଯାଇଥିବା ବେଳେ ଗ୍ରାମବାସୀ କାମର ସ୍ଥାୟିତ୍ୱ ନେଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଫଳରେ ଜେଇ ଲୋକଙ୍କ ଠିକ ଭାବେ ଉତ୍ତର ଦେଇପାରିନଥିଲେ। ଏନେଇ ଗ୍ରାମବାସୀ ଲିଖିତ ଭାବେ ଉକ୍ତ ପ୍ରକଳ୍ପର ମାନ ଯାଞ୍ଚ କରିବା ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ନା ଡାଙ୍ଗୁଆଁ ଓ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଦିବ୍ୟାଙ୍ଗ ସୋନାଲିଙ୍କୁ ୫ ବର୍ଷ ଧରି ସହାୟତା ଯୋଗାଉଛନ୍ତି ଜୟଦୁର୍ଗା ଟ୍ରଷ୍ଟ ଅଧକ୍ଷା



**ଦାରିଙ୍ଗବାଡ଼ି,୨୦ା୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସ୍ଥିତ ବାଡାବାଙ୍ଗା ଗ୍ରାମର ସୋନାଲି ଦିଗାଲ ଜନ୍ମରୁ ଜଣେ ଦିବ୍ୟାଙ୍ଗ । ପରିବାରରେ ବାପା ସୁକ୍ରୁ ଦିଗାଲ ଏବଂ ମା ଟୁନି ଦିଗାଲ ୪ ଜଣ ପିଲାଙ୍କୁ ଜନ୍ମ ଦେଇଥିବା ବେଳେ ୨ ଜଣ ଦିବ୍ୟାଙ୍ଗ ଜନ୍ମ ହୋଇଛନ୍ତି । ବାପା ମା ଦିନ ମଜୁରିଆ ହୋଇଥିବାରୁ ଦୁଇ ଦିବ୍ୟାଙ୍ଗ ପିଲାଙ୍କୁ ଚଳାଇବା ପାଇଁ ଚିନ୍ତା ବଢ଼ାଇଥିଲା । ସୋନାଲି ପିଲାଟି ଦିନରୁ ଜଣେ ଦିବ୍ୟଙ୍ଗ ହୋଇଥିଲେ ମଧ ପାଠ ପଢିବା ସହ ନିଜର କଳା ପ୍ରଦର୍ଶନ କରି ଆସୁଛନ୍ତି । ଗୋଡ଼ ନ ଥିଲେ ମଧ ବିଶେଷ କରି ନାଚିବାରେ ପାରଙ୍ଗମ ସେ । ବିଭିନ୍ନ ଖବରକାଗଜ ଓ ଅନ୍ୟାନ୍ୟ ସୋସିଆଲ ମିଡ଼ିଆରୁ ସୋନାଲିଙ୍କ ସମ୍ପର୍କରେ ଜାଣିପାରି ଭୁବନେଶ୍ୱରର ଜୟଦୁର୍ଗା ଟ୍ରଷ୍ଟ ଅଧକ୍ଷା ଡ. ସୁରେଶ୍ୱରୀ ସାଗରିକା ଜେନା ସହାୟତାର ହାତ ବଢ଼ାଇଥିଲେ । ୫ ବର୍ଷ ଧରି ଦିବ୍ୟାଙ୍ଗ ସୋନାଲିଙ୍କୁ ସହାୟତା କରି ଆସୁଛନ୍ତି । ସୋନାଲିର ଚିକିତ୍ସା ଏବଂ ପାଠ ପଢିବା ଠାରୁ ଆରମ୍ଭ କରି ଖାଇବା, ପିନ୍ଧିବା ଏବଂ ପରିବାର ଚଳିବା ପାଇଁ ସମସ୍ତ ଖର୍ଚ୍ଚ ବହନ କରିଆସୁଛନ୍ତି । ଖାଲି ସେତିକି ନୁହେଁ ଡ.ଜେନା ସୋନାଲିଙ୍କୁ ନିଜର ପୋଷ୍ୟ କନ୍ୟା ଭାବେ ମଧ ଗ୍ରହଣ କରିଛନ୍ତି । ସୋନାଲିଙ୍କୁ ଟିକେ କୋଳରେ ଧରିଲେ ତାଙ୍କର ସବୁ ଚିନ୍ତା କୁଆଡ଼େ ଦୂର ହେଇ ଯାଉଥିବା କହିଛନ୍ତି । ଡ଼. ସାଗରିକାଙ୍କ ଏଭଳି କାର୍ଯ୍ୟକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

### ନିର୍ବାଚନ ପ୍ରସ୍ତୁତି ନେଇ ଆରଡିସିଙ୍କ ସମୀକ୍ଷା ବୈଠକ

# ଆବଶ୍ୟକ ସମସ୍ତ ବ୍ୟବସ୍ଥାର ଯାଞ୍ଚ୍ ନିର୍ଦ୍ଦେଶ



**ଫୁଲବାଣୀ,୨୦ା୩(ସମିସ):** ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ରଞ୍ଜନ କୁମାର ଦାସ ବୁଧବାର କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ କରିଥିଲେ । ନିଯୁକ୍ତି କରାଯାଇଥିବା ବିଭିନ୍ନ ନୋଡାଲ ଅଫିସରଙ୍କ ସହିତ ଆଲୋଚନା କରିଥିଲେ । ଆବଶ୍ୟକ ହେବାକୁଥିବା ସମସ୍ତ ପ୍ରକାର ଫର୍ମାଟର ଛପାକାର୍ଯ୍ୟ, ଭିନ୍ନକ୍ଷମ ଭୋଟରଙ୍କୁ ଯୋଗାଇଦେବାକୁ ଥିବା ସର୍ବନିମ୍ନ ସୁବିଧା, ମତଦାନ କେନ୍ଦ୍ର ନିକଟରେ ସେମାନଙ୍କ ବସିବା ପାଇଁ ସ୍ଥାନ ସଂରକ୍ଷଣ ଓ ଆବଶ୍ୟକ ପଡ଼ିଲେ ସ୍ୱେଚ୍ଛାସେବୀ ନିଯୁକ୍ତି, ପୂର୍ବରୁ ବନ୍ଦ ଥିବା ବିଦ୍ୟାଳୟରେ ଯଦି ମତଦାନ କେନ୍ଦ୍ର କରାଯାଇଛି, ସେଠାରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି କି ନା ତା' ଉପରେ ଦୃଷ୍ଟି ଦେବା, ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା ଲାଗି ଆସୁଥିବା ଅଭିଯୋଗକୁ ଗୁରତ୍ୱ ନ ଦେବା ବା ଅନୁକମ୍ପା ନ ଦେଖାଇବା, ଏଥିପାଇଁ ଗଠିତ ହୋଇଥିବା ମେଡିକାଲ ବୋଡର୍ ମିଥ୍ୟା ପ୍ରମାଣ ପତ୍ର ନ ଦେବା, ନିର୍ବାଚନର ସୁପରିଚାଳନା ପାଇଁ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ନିକଟରୁ ଆସୁଥିବା ସର୍କୁଲାର୍ ଗୁଡ଼ିକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅବଗତି ନିମନ୍ତେ ବ୍ୟବସ୍ଥା କରିବା, ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍‌ସେଣ୍ଟରର କାର୍ଯ୍ୟକାରିତା, ଆଇନଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ୍ ନିଯୁକ୍ତି , ଜିଲ୍ଲାର ପ୍ରତି ପୁଲିସ୍ ଷ୍ଟେସନରେ ଥିବା ଅପରାଧୀଙ୍କ ତାଲିକା ସଂଗ୍ରହ କରିବା, ଲାଇସେନ୍ସ ସହିତ ବେଆଇନ ଅସ୍ତ୍ରଶସ୍ତ୍ର ଜମା କରିବା, ପୋଲିଂ ପାର୍ଟିଙ୍କ ଆରାମ୍ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବା, ପେଡ୍ ନ୍ୟୁଜ୍ ଓ ଫେକ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ନେବା ଇତ୍ୟାଦି ଉପରେ ବିଭାଗୀୟ ନୋଡାଲ ଅଫିସରଙ୍କ ସହ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପାୱାର ପଏଣ୍ଟ ମାଧ୍ୟମରେ ଆଗାମୀ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯେଉଁସବୁ ବ୍ୟବସ୍ଥା କରାଯାଇଛି ଏବଂ ଆଗକୁ ଯେଉଁ ସବୁ ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତୁତି ଚାଲିଛି ତା' ଉପରେ ଅବଗତ କରାଇଥିଲେ ।

ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲ୍ଲାର ସମୁଦାୟ ଲୋକ ସଂଖ୍ୟା ୮ଲକ୍ଷ ୪ହଜାର୨୮ ଜଣ ମଧ୍ୟରୁ ୪ଲକ୍ଷ୨ହଜାର ୭୫୬ ଜଣ ପୁରୁଷ ଓ ମହିଳା ୪ଲକ୍ଷ ୧ହଜାର ୨୭୨ ଜଣଙ୍କ ମଧ୍ୟରୁ ୫ ଲକ୍ଷ ୬୮ ହଜାର ୯୬୧ ଜଣ ଭୋଟର୍ ଚଳିତ ବର୍ଷ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରୁ ୨ଲକ୍ଷ ୭୪ହଜାର ୮୩୮ଜଣ ପୁରୁଷ, ୨ଲକ୍ଷ ୯୪ହଜାର ୫୦ଜଣ ମହିଳା ଏବଂ ୭୩ ଜଣ କିନ୍ନର ମତଦାତା ଅଛନ୍ତି । ଜିଲ୍ଲାରେ ସମୁଦାୟ ଭିନ୍ନକ୍ଷମ ଭୋଟର ସଂଖ୍ୟା ୧୧ହଜାର ୨୪୮ ଜଣ ବୋଲି ଜଣାପଡ଼ିଥିବା ବେଳେ, ୧୪ହଜାର ୩୩୦ଜଣ ଯୁବ ଭୋଟର ଅଛନ୍ତି । ୩ହଜାର ୮୫୨ଜଣ ୮୫ ବର୍ଷରୁ ଅଧିକ ବୟସର ଭୋଟର ଅଛନ୍ତି ।୧୩-କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ୮୨-ବାଲିଗୁଡ଼ା,୮୩-ଘୁ. ଉଦୟଗିରି ଏବଂ ୮୪-ଫୁଲବାଣୀ ବିଧାନସଭା ନିର୍ବାଚନ ପାଇଁ ମତଦାନ କେନ୍ଦ୍ରମାନଙ୍କରେ ସର୍ବନିମ୍ନ ମୌଳିକ ସୁବିଧାକୁ ସୁନିଶ୍ଚିତ କରାଯାଉଛି । ସେହିପରି, ନୋମିନେସନ୍ କେନ୍ଦ୍ର, ପୋଲିଂ ପର୍ସୋନେଲ ସଂଖ୍ୟା, ସେମାନେ ମତଦାନ ସାମଗ୍ରୀ କେଉଁଠାରୁ ନେବେ ଓ କେଉଁଠାରେ ଜମା କରିବେ, ଭୋଟ ଗଣତି କେନ୍ଦ୍ର, ସି.ଭିଜିଲ୍ ଆପ୍ ଓ ସୋସିଆଲ୍ ମିଡିଆରେ କିପରି ଅଭିଯୋଗ ଦାଖଲ କରିପାରିବେ, ଜିଲ୍ଲା ନିର୍ବାଚନ ପରିଚାଳନା ଯୋଜନା, ଜିଲ୍ଲା ସ୍ତରୀୟ ଏମ୍‌ସିଏମ୍‌ସି. ଗଠନ ଓ କାର୍ଯ୍ୟ ସମ୍ପର୍କରେ ଶ୍ରୀ ଜେନା ଅବଗତ କରାଇଥିଲେ ।

ଉକ୍ତ ସମୀକ୍ଷା ବୈଠକରେ କନ୍ଧମାଳ ଜିଲ୍ଲପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରତ୍ନାକର ସାହୁ, ବାଲିଗୁଡ଼ା ଉପଜିଲ୍ଲାପାଳ ଡା.ରୀନା ପ୍ରଧାନ, କନ୍ଧମାଳ ଉପଜିଲ୍ଲାପାଳ ଚିରଞ୍ଜନ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣ୍ଡଆଙ୍କ ସମେତ ଡେପୁଟି କଲେକ୍ଟର, ନିର୍ବାଚନ ଡି.ମାଲେଶ୍ୱର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ୍‌ଦାର, ନିର୍ବାଚନ ସହିତ ସଂଶ୍ଳିଷ୍ଟ ସମସ୍ତ ନୋଡାଲ୍ ଅଫିସର ଓ ସହକାରୀ ନୋଡାଲ ଅଫିସର ଉପସ୍ଥିତ ଥିଲେ ।

## ଦୋଳ ଓ ହୋଲି ପାଇଁ ଜଗନ୍ନାଥ ମନ୍ଦିରର ପ୍ରସ୍ତୁତି

**ଜି.ଉଦୟଗିରି,୨୦ା୩ (ସମିସ):** ଦୋଳ ଏବଂ ହୋଲି ଉତ୍ସବ ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ବୁଧବାର ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଠାକୁରଙ୍କୁ ବିମାନରେ ସହର ପରିକ୍ରମା କରିବା ସୂଚୀ ଧାର୍ଯ୍ୟ କରିଛି ପରିଚାଳନା କମିଟି । ବୁଧବାର ଜଗନ୍ନାଥ ମନ୍ଦିରରୁ ଠାକୁର ବାହାରି ତେଲିସାହି, ବନ୍ଧଛକ, ଶିବ ମନ୍ଦିର ଛକ, ହିରୋ ସୋରୁମ ଠାରୁ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେଭଳି ୨୧ ତାରିଖରେ ଠାକୁର ମନ୍ଦିରରୁ ବାହାରି ଭେଟନାରୀ ଛକ, କ୍ଲବ ସାହି, ଇଲେକଟ୍ରି ଛକ, ଷ୍ଟେଟବ୍ୟାଙ୍କ ରୋଡ ଦେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ । ୨୨ ତାରିଖରେ ଠାକୁର ବିମାନରେ କଚେରୀ ସାହି, ସୁବାସ ନଗର, ବସନ୍ତାଣ୍ଡ ସାହି, ବରାଳିନୀ ସାହି, ମହାଗୁଡା ସାହି ପରିକ୍ରମା କରିବେ । ୨୩ ତାରିଖରେ ଠାକୁର ବିମାନରେ ପ୍ରଧାନ କଲୋନୀ, ଚୁଆଁ ସାହି, ଚମ୍ପା ସାହି, କନ୍ଧ ସାହି , ୨୪ ତାରିଖରେ ଠାକୁର ବିମାନରେ ଲକ୍ଷ୍ମୀ ବଜାର, ଗୋଲାସାହି, ବଡସାହିରେ ରାଜାଗ୍ନୀ ମହୋତ୍ସବ ସାରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ । ୨୫ ତାରିଖରେ ଜଗନ୍ନାଥ ମନ୍ଦିରରେ ଦୋଳଉତ୍ସବ ପାଳନ ସହିତ ଗାନ୍ଧୀ ଛକରେ ଶ୍ରୀ ବିଗ୍ରହଙ୍କ ମିଳନ ଉତ୍ସବ ପାଳନ ହେବ । ଏଥିରେ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ, ଶ୍ୟାମ ସୁନ୍ଦର, ବାଙ୍କେବିହାରୀ, ଗୋପାଳ ମହାପ୍ରଭୁଙ୍କ ବିଗ୍ରହ ଯୋଗ ଦେବେ । ୨୬ ରେ ହୋଲି ପର୍ବ ପାଳନ ପୂର୍ବକ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସହର ପରିକ୍ରମା କରିବା ସହିତ ପ୍ରତ୍ୟେକ ସାହି ପରିକ୍ରମା କରିବେ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ କହିଛନ୍ତି ।

## ଲକ୍ଷ୍ମୀନୃସିଂହଙ୍କ ଚନ୍ଦନ ଯାତ୍ରା ପାଇଁ ପରିଚାଳନା କମିଟି ଗଠିତ

**ଫୁଲବାଣୀ,୨୦ା୩(ସମିସ):** ସ୍ଥାନୀୟ ଜିରିଙ୍ଗପଡା ସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ଠାକୁରଙ୍କର ଜନ୍ମ ଚତୁର୍ଦ୍ଦଶୀ ଅବସରରେ ପ୍ରତିବର୍ଷ ଚନ୍ଦନ ଯାତ୍ରା ପାଳିତ ହେଉଛି । ସହର ବାସୀ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ଯାତ୍ରା ୧୫ ଦିନ ଧରି ଆୟୋଜିତ ହେଉଛି । ଚଳିତ ବର୍ଷ ମଧ ଚନ୍ଦନ ଯାତ୍ରା ପାଳନ ପାଇଁ ରବିବାର ମନ୍ଦିର ପରିସରରେ ଗ୍ରାମ କମିଟି ସଭାପତି ସୁଜିତ କୁମାର ବେହେରା ଏବଂ ସମ୍ପାଦକ ଦାରୁଣ ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଏହି ଚନ୍ଦନ ଯାତ୍ରା ୨୫ ବର୍ଷରେ ପଦାର୍ପଣ କରିଥିବାରୁ ରଜତ ଜୟନ୍ତୀ ପାଳନ ନିମନ୍ତେ ସ୍ଥିର କରାଯାଇଛି । ଏଥିପାଇଁ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । କମିଟିର ସଭାପତି ଭାବେ ସହମତି କ୍ରମେ ପାର୍ଥସାରଥି ବିଶ୍ୱାଳ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ପାଞ୍ଚିଲି ବେହେରା, କାର୍ଯ୍ୟକାରୀ କମିଟି ସଭାପତି କରମ ବେହେରା, ସାଧାରଣ ସମ୍ପାଦକ ଭାବେ ଦାରୁଣ ବେହେରା ମନୋନୀତ ହୋଇଛନ୍ତି । ସେହିପରି ସମ୍ପାଦକ ଭାବେ ବୈଦ୍ୟନାଥ ନାୟକ, ସହ ସମ୍ପାଦକ ବୈକୁଣ୍ଠ ନାୟକ, ସାଂସ୍କୃତିକ ସମ୍ପାଦକ ବାବୁଲା ବେହେରା , ସହ ସାଂସ୍କୃତିକ ସମ୍ପାଦକ



ମନୋଜ କୁମାର ବେହେରା, କୋଷାଧକ୍ଷ ଭାବେ ଲଳିତ କୁମାର ବେହେରା ମନୋନୀତ ହୋଇଥିବା ବେଳେ ଯାତ୍ରାକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଉପଦେଷ୍ଟା କମିଟି, କାର୍ଯ୍ୟକାରୀ କମିଟି,ମହିଳା ବାହିନୀ କମିଟି ଗଠନ କରାଯାଇଛି । ମୁଖ୍ୟ ଉପଦେଷ୍ଟା ଭାବେ ସୁଜିତ କୁମାର ବେହେରାଙ୍କ ସମେତ ପଙ୍କଜ କୁମାର ବେହେରା, ଦିନେଶ କୁମାର ବେହେରା, ବିକ୍ରମ ବେହେରା, ରମେଶ ଚନ୍ଦ୍ର ମହାନ୍ତି, ଶିବ ଶଙ୍କର ବେହେରା, ବଳଦେବ ବେହେରା ମନୋନୀତ ହୋଇଛନ୍ତି । ମନ୍ଦିର ପୂଜକ ଚିନ୍ତାମଣି ସାହାଣୀ ଓ ମନୋଜ ନାୟକଙ୍କୁ ସଭାମଞ୍ଚ ପୂଜନ ପାଇଁ ଦାୟିତ୍ୱ ଦିଆଯାଇଥିଲା ।

## ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,୨୦ ।୩(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସାଧାରଣ ନିର୍ବାଚନ ସମୟରେ ଭୋଟର ତଥା ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଅଂଶୁଘାତରେ ଯେପରି କେହି ଆକ୍ରାନ୍ତ ନ ହେବେ ସେଥି ନିମନ୍ତେ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକରେ ପୁଙ୍ଖାନୁପଙ୍ଖ ଆଲୋଚନା କରାଯାଇଥିଲା । ସଧାରଣ ନିର୍ବାଚନ ଗ୍ରୀଷ୍ମ ମାସରେ ହେଉଥିବାରୁ ଅଂଶୁଘାତର ଭୟ ରହିଛି । ନିର୍ବାଚନ ପାଇଁ ରାଲି, ସଭାସମିତି, ଗ୍ରାମ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏପରି ସମୟରେ ଲୋକେ ଅଜାଣତରେ ଅଂଶୁଘାତରେ ଆକ୍ରାନ୍ତ ହେବା ସମ୍ଭାବନା ରହିଛି । ଏହାର ସଫଳ ମୁକାବିଲା ଲାଗି ଭୋଟର ଓ ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀଙ୍କୁ ବ୍ୟାପକ ସଚେତନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟଜଳ ସମସ୍ୟା ଓ ବିଦ୍ୟୁତ ବିଭ୍ରାଟ ଯେପରି ନ ଘଟେ, ପଶୁପକ୍ଷୀଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ସକାଳେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ବିଷୟ ସମ୍ପର୍କରେ ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, ସମସ୍ତ ବ୍ଲକର ଛକ ଜାଗାରେ ଜଳଛତ୍ର ଖୋଲାଯିବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଖରାପ ଥିବା ନଳକୂପକୁ ତୁରନ୍ତ ମରାମତି କରିବାକୁ କୁହାଯାଇଥିଲା । ବୈଠକରେ ପାରଳାଖେମୁଣ୍ଡି ବନଖଣ୍ଡିୟ ଅଧିକାରୀ ଏସ. ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡିର ଦିଲୀପ କୁମାର ବେହେରା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ଲାଇନ୍ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ଭୋଟ ବର୍ଜନରୁ ନିବୃତ୍ତ ରହିବାକୁ ଗ୍ରାମବାସୀଙ୍କୁ ଜାଗ୍ରତ କନ୍ଧମାଳର ପରାମର୍ଶ

**ଫୁଲବାଣୀ,୨୦ା୩(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡା ଗ୍ରାମ ପଞ୍ଚାୟତର ଦୁଇ ନମ୍ବର ୱାର୍ଡର ମାଣ୍ଡେମହା ଏକ ଆଦିବାସୀ ବହୁଳ ଗାଁ । ଏହି ଗାଁକୁ ରାସ୍ତା ନାହିଁ । ସ୍ଥାନୀୟ ବିଧାୟକଙ୍କ ପାଖକୁ ଧାଇଁ ଧାଇଁ ଲିଖିତ ଆକାରରେ ଅଭିଯୋଗ ଦେଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଭୋଟ ବେଳେ ସରପଞ୍ଚ, ବିଧାୟକ ଓ ସାଂସଦ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଭୋଟ ନିଅନ୍ତି । ଭୋଟ ସରିଲେ ସେମାନଙ୍କ ଦେଖା ମିଳେନି । ରବିବାର ସାମାଜିକ ସଂଗଠନ ଜାଗ୍ରତ କନ୍ଧମାଳର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା ଓ ଉପସଭାପତି ପ୍ରେମାନନ୍ଦ ମାଝୀ ଏହି ଗ୍ରାମ ପରିଦର୍ଶନରେ ଯାଇଥିବା ବେଳେ ଅସନ୍ତୁଷ୍ଟ ଗ୍ରାମବାସୀ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ । ଏଥିସହିତ ପୂର୍ବତନ ୱାଡର୍ ମେମ୍ବର ଗଣ୍ଡ ପ୍ରଧାନ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ଦେଇଥିଲେ । ସୂଚନାଯୋଗ୍ୟ, ଦୁଇଟି ନାଳ ଓ ଦୁଇଟି ଛୋଟ ପାହାଡ଼ ଅତିକ୍ରମ କରିଯିବାକୁ ପଡିଥାଏ ଗ୍ରାମକୁ । ରାସ୍ତା ଠାରୁ ଗୋଟିଏ କିଲୋମିଟର ଦୂରରେ ଏହି ଗାଁ । ରାସ୍ତା ନଥିବାରୁ ପିଲାମାନେ ସ୍କୁଲକୁ ଯିବାରେ ସମସ୍ୟା, ଗର୍ଭବତୀ ମାଙ୍କ କଥା କହିଲେ ନ ସରେ । ଦୁଇ କିମି ଖଟିଆରେ ବୁହା ହୋଇ ଆସିଲେ ଚିକିତ୍ସା ସୁବିଧା ମିଳେ । ଅଙ୍ଗନବାଡି ଓ ସ୍କୁଲକୁ ରାସ୍ତା ନ ଥିବାରୁ ଛୋଟ ପିଲା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏଣୁ ତଳସାହି ଡଗମହା ଠାରୁ ମାଣ୍ଡେମାହା ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି ଗ୍ରାମବାସୀ । ଦାବି ପୂରଣ ନହେବାରୁ ଭୋଟ ବର୍ଜନ କରିବାକୁ ପ୍ରସ୍ତୁତ ହୋଇଥିଲେ ଗ୍ରାମବାସୀ । ତେବେ ଜାଗ୍ରତ କନ୍ଧମାଳ କର୍ମକର୍ତ୍ତା ସେମାନଙ୍କୁ ଭୋଟ ବର୍ଜନ ନ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ପରେ ତଳସାହି ଡଗମାହା ଠାରୁ ମାଣ୍ଡେମାହା ଏବଂ ଉପର ଡଗମାହାକୁ ରାସ୍ତା ନିର୍ମାଣ କରିବା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ ଗ୍ରାମବାସୀ ଜାକବ ପ୍ରଧାନ, କିରଣ ପ୍ରଧାନ, ଜୋଶେଫ ପ୍ରଧାନ, ରଜନୀ ପ୍ରଧାନ, ଗାଦି ପ୍ରଧାନ, ଶିବନ୍ତି ପ୍ରଧାନ, ଉପଜୀନି ପ୍ରଧାନ, ଶାନ୍ତି ଲତା ପ୍ରଧାନ, ଉତ୍ତମ ପ୍ରଧାନ, ଟମକା ପ୍ରଧାନ, ରେଜୁ ପ୍ରଧାନ, ମଦନ ପ୍ରଧାନ, ସୁନୀଲ ପ୍ରଧାନ, ରାଜୀବ ପ୍ରଧାନ ଓ କନିତ୍ର ପ୍ରଧାନ ଉପସ୍ଥିତ ଥିଲେ ।



## ଜଗନ୍ନାଥ ମନ୍ଦିରର ଗର୍ଭଗୃହ ନିର୍ମାଣ ଲାଗି ପାଦପଦ୍ମଶିଳା ପୂଜାର୍ଚ୍ଚନା

**ପାରଳାଖେମୁଣ୍ଡି,୨୦ ।୩ (ସମିସ):** ପାରଳାଖେମୁଣ୍ଡି ସହରରେ ନୂତନ ଭାବେ ନିର୍ମାଣ ହେଉଥିବା ଜଗନ୍ନାଥ ମନ୍ଦିରର ଗର୍ଭଗୃହ ନିର୍ମାଣ ଆରମ୍ଭାର୍ଥେ ବହୁ ଆଡମ୍ବର ସହକାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଏହି ପୂଜା ଆସନ୍ତା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଦିନ ମାନଙ୍କରେ ଇଚ୍ଛୁକ ଶ୍ରଦ୍ଧାଳୁ ବା ଭକ୍ତ ପାଦିପଦ୍ମଶିଳା ସ୍ଥାପନ ଲାଗି ପୂଜା କରି ଗର୍ଭଗୃହ ସ୍ଥାପନ ବା ନିର୍ମାଣ ଲାଗି ପଥର ସ୍ଥାପନ କରିପାରିବେ ବୋଲି ଜଗନ୍ନାଥ ମନ୍ଦିର ସେବା କମିଟି ସୂତ୍ରରୁ ପ୍ରକାଶ । ବୁଧବାର ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀ ଦେବୀଙ୍କ ଉପସ୍ଥିତିରେ ପାଦିପଦ୍ମଶିଳା ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଜଗନ୍ନାଥ ସେବା କମିଟିର ଦୁର୍ଗାମାଧବ ପାଣିଗ୍ରାହୀ, କେରାଣ୍ଡି, ଚାଙ୍ଗୁଡି, କାଶୀନଗର, ପାରଳାଖେମୁଣ୍ଡି ଦେବୀ ମଠ ସମେତ ବହୁ ମଠ ମନ୍ଦିରର ମଠାଧୀଶ ତଥା ସାଧୁସନ୍ଥ ଯୋଗ ଦେଇଥିଲେ । ଭକ୍ତ ବା ଶ୍ରଦ୍ଧାଳୁ ପାଦିପଦ୍ମଶିଳାକୁ ପୂଜାର୍ଚ୍ଚନା କରି ଗର୍ଭଗୃହ ନିର୍ମାଣ ସ୍ଥାନରେ ସ୍ଥାପନ କରିଥିଲେ । ଏଥିରେ ବହୁ ସଂଖ୍ୟକ ଭକ୍ତ ବା ଶ୍ରଦ୍ଧାଳୁ ଯୋଗଦେଇ ନୂତନ ମନ୍ଦିର ନିର୍ମାଣ ଲାଗି ସହଯୋଗ କରିଥିଲେ ।



## ଭିନ୍ନକ୍ଷମ ହୋଇ ମଧ ମିଳୁନି ଭତ୍ତା

### ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଲେ ବାପାଝିଅ

**ଫୁଲବାଣୀ,୨୦ା୩(ସମିସ):** ସରକାର ଅସହାୟ ଓ ଭିନ୍ନକ୍ଷମଙ୍କୁ ସହାୟତା ପାଇଁ ବିଭିନ୍ନ ଯୋଜନା କରିଥିଲେ ମଧ ଅନେକ ଲୋକ ଏଥିରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ଘଟିଛି ଚକାପାଦ ବ୍ଲକ ଅର୍ଚ୍ଚାଙ୍ଗୀ ଗ୍ରାମର ଭିନ୍ନକ୍ଷମ ଯୁବତୀ ସୁନୀତା ବେହେରାଙ୍କ କ୍ଷେତ୍ରରେ । ଜନ୍ମରୁ ଭିନ୍ନକ୍ଷମ ସୁନୀତା କଥା କହିପାରନ୍ତି ନାହିଁ । ପ୍ରମାଣପତ୍ର ମଧ ଅଛି । ହେଲେ ଭିନ୍ନକ୍ଷମ ଭତ୍ତା ପାଇଁ ବାରମ୍ବାର ବ୍ଲକ,ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମିଳିନାହିଁ । ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଭିନ୍ନକ୍ଷମ ଭତ୍ତା ମଞ୍ଜୁର କରାଇବା ପାଇଁ ଗୁହାରି ଜଣାଇଛନ୍ତି ବାପା ବିମଳ ବେହେରା ଏବଂ ସୁନୀତା । ଅଭିଯୋଗ ଅନୁଯାୟୀ, ବିମଳଙ୍କ ଝିଅ ସୁନୀତା(୨୩) ଜନ୍ମରୁ ମୂକବଧିର । ଭିନ୍ନକ୍ଷମ ଭତ୍ତା ପାଇଁ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଅନେକ ଥର ଆବେଦନ ଏବଂ ଅଭିଯୋଗ କରି ନୟାନ୍ତ ହୋଇଛନ୍ତି । ଗରୀବ ପରିବାର ହୋଇ ଥିବାରୁ ଚଳିବା କଷ୍ଟକର ହେଉଛି । ସରକାରୀ ନିୟମ ସତ୍ତ୍ୱେ ସହାୟତା ପାଇ ପାରୁ ନାହାଁନ୍ତି ସୁନୀତା । ସବୁଆଡୁ ନିରାଶ ହେବା ପରେ ବୁଧବାର କନ୍ଧମାଳ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କୁ ଭେଟି ଭତ୍ତା ପାଇଁ ଅନୁରୋଧ କରିଛନ୍ତି ବାପା ଝିଅ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆଶ୍ୱାସନା ଦେଇଛନ୍ତି ଜିଲାପାଳ ।



### ଗଜପତିରେ ୧୫.୬ ମିମି ବର୍ଷା ରେକର୍ଡ

## ଜିଲ୍ଲା ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

**ପାରଳାଖେମୁଣ୍ଡି,୨୦ ।୩ (ସମିସ):** ଗଜପତି ଜିଲ୍ଲାରେ ଗ୍ରୀଷ୍ମଋତୁ ତଥା ଅଦିନିଆ ବର୍ଷା ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ତିନି ଦିନ ଧରି ଝିପି ଝିପି ବର୍ଷା ଲାଗିରହିଛି । ବୁଧବାର ତୃତୀୟ ଦିନରେ କୋହଲା ପାଗ ସାଙ୍ଗକୁ ସାମାନ୍ୟ ବର୍ଷା ଏବଂ ପବନ ଜାରି ରହିଛି । ଜିଲ୍ଲାର ୭ବ୍ଲକ ଆର.ଉଦୟଗିରି, ରାୟଗଡ, ମୋହନା, ନୁଆଗଡ, ଗୋଷାଣୀ, କାଶୀନଗର ଓ ଗୁମ୍ମା ଓ ପାରଳାଖେମୁଣ୍ଡି ସହରାଞ୍ଚଳରେ ବର୍ଷା ଲାଗି ରହିଛି । ଜିଲ୍ଲାରେ ଚବିଶି ଘଣ୍ଟା ମଧରେ ହାରାହାରି ଭାବେ ୧୫.୬ ମିମି ବର୍ଷା ହାର ହୋଇଥିବାର ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କାଶୀନଗର ବ୍ଲକରେ ୧୬.୦ମିମି, ପାରଳାଖେମୁଣ୍ଡି ସହରରେ ୨୧.୦ମିମି, ରାୟଗଡ ବ୍ଲକରେ ୧୫.୦ ମିମି, ଗୁମ୍ମା ବ୍ଲକରେ ୧୨.୦ ମିମି, ନୂଆଗଡ ବ୍ଲକରେ ୬.୦ ମିମି, ଆର୍.ଉଦୟଗିରି ବ୍ଲକରେ ୨୨.୦ ମିମି, ମୋହନା ବ୍ଲକରେ ୧୮.୮ ମିମି, ଗୋଷାଣି ବ୍ଲକରେ ୧୪.୦ମିମି ବର୍ଷା ହୋଇଥିବାର ସୂଚନା ପ୍ରଦାନ କରାଯାଇଛି । ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନ ପାଣିପାଗ ସମ୍ବନ୍ଧିତ ସମସ୍ତ ତଥ୍ୟ ପଚାରି ବୁଝିବା ସହ ବୁଲି ଦେଖିଥିଲେ । ଏହା ସହ ନିୟମିତ ପାଣିପାଗ ସୂଚନା ତଥା ରେକର୍ଡିଂ କରିବା, ଏହି ତଥ୍ୟକୁ ଜିଲ୍ଲାର ସମସ୍ତ ବ୍ଲକ ଗୁଡିକୁ ପାଣିପାଗ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବର୍ଷା ଗେଜ୍ ଷ୍ଟେସନ ଗୁଡିକୁ ନିୟମିତ ପରିଷ୍କାର ଓ ପରିଚ୍ଛନ୍ନତା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।



## କୀଟନାଶକ ପିଇ ଆତ୍ମହତ୍ୟା

**କଲ୍ୟାଣସିଂହପୁର,୨୦।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସୁନାଖଣ୍ଡି ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଡାବାସାହିର ନିର ନେମାଲପୁରୀ (୪୮) କୀଟନାଶକ (କପା ଔଷଧ) ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘରୋଇ କଳହ ଲାଗି ରହିଥିବାରୁ ମଙ୍ଗଳବାର ଘରେ କେହି ନ ଥିବାବେଳେ କୀଟନାଶକ ପିଇଦେଇଥିଲେ। ପରିବାର ଲୋକେ ଏହା ଜାଣିପାରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର ନେମାଲପୁରୀଙ୍କ ମୃତ୍ୟୁ ହୋଇଯାଇଛି। ଏହି ଖବର ପାଇ ସ୍ଥାନୀୟ ପୁଲିସ ଏସଆଇ ସଞ୍ଜୟ କୁମାର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଗାଙ୍ଗାପଡ଼ା ଗ୍ରାମରେ ବଜ୍ରପାତରେ ଜଣେ ମୃତ

**କୋରୁକୋଣ୍ଡା,୨୦।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ ଗାଙ୍ଗାପଡ଼ା ଗ୍ରାମରେ ବୁଧବାର ଅପରାହ୍ଣ ୨ଟା ସମୟରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଗ୍ରାମର ସାବେରୀ ମାଝୀ ବୋଲି ଜଣାପଡ଼ିଛି। ସାବେରୀ ଦ୍ୱିପ୍ରହରରେ ଖାଇବା ପରେ କୌଣସି କାମରେ ନିକଟସ୍ଥ ଜଙ୍ଗଲକୁ ଯିବାକୁ ବାହାରିଥିଲେ। ସେହି ସମୟରେ ବାହାରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ସାବେରୀ ଟଳି ପଡ଼ିଥିଲେ। ଖବର ପାଇ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳକୁ ଆସି ସାବେରୀ ମୃତଦେହ ଉଦ୍ଧାର କରିଥିଲେ।

## ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ଉତ୍ସବ



**ରାମନାଗୁଡ଼ା,୨୦।୩(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ନିକଟସ୍ଥ ନୂଆ ବସଷ୍ଟାଣ୍ଡ ନିକଟରେ ପରମ ପ୍ରେମମୟ ପରମାତ୍ମା ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ମହାଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ବେଦ ଓ ମାଙ୍ଗଳିକ କାର୍ଯ୍ୟକ୍ରମ ପରେ ଆୟୋଜିତ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହ ଶ୍ରୀଶ୍ରୀ ଠାକୁରଙ୍କୁ ନଗର ପରିକ୍ରମା ଏବଂ ପୂର୍ବାହ୍ଣ ୧୧.୩୦ରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଉକ୍ତ ସତସଙ୍ଗରେ ଭୁବନେଶ୍ୱରରୁ ଆଗତ ସପର ସ୍ୱାଇଁ, ଶ୍ରୀ ନୃସିଂହ ଓ ଶ୍ରୀ ଚନ୍ଦନ ଅଧ୍ୟକ୍ଷତା କରିଥିଲେ। ରାୟଗଡ଼ାର କୋଣଅନୁକୋଣରୁ ଆସିଥିବା ସତସଙ୍ଗ ଗୁରୁମା ଓ ଭାଇଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇ ଦିନ ୩ଟାରେ ମାତୃ ସମ୍ମିଳନୀ ରଖା ଯାଇଥିଲା। ମାତୃ ସମ୍ମିଳନୀକୁ ପ୍ରତିମା ମଲ୍ଲିକ ପରିଚାଳନା କରିଥିଲେ। ପଦ୍ମପୁରରୁ ଆଗତ ସୁଜାତା ପାଣିଗ୍ରାହୀ ମା' ମାତୃଶକ୍ତିଙ୍କ ଉପରେ ଶ୍ରୀଶ୍ରୀ ଠାକୁରଙ୍କ ଭାବଦର୍ଶୀ କଥା ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହ ବ୍ରହ୍ମପୁରରୁ ଆଗତ ବିଜୟ କୁମାର ସାହୁ ପ୍ରାରମ୍ଭିକ ସୂଚନାରେ ଉତ୍ସବର ସଭାପତି ଶ୍ରୀ ରଘୁନାଥ ସାମଲ ଓ କମିଟିର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପଦ୍ମପୁରରୁ ଆଗତ ପ୍ରଦୀପ କୁମାର ପାଣିଗ୍ରାହୀ ଉତ୍ସବରେ ଉତ୍ସାହ ବିଷୟରେ କହିଥିଲେ। ରାୟଗଡ଼ା ଶ୍ରୀମନ୍ଦିରର ମୁଖ୍ୟ ପରିଚାଳକ ଦେବରାଜ ମଲ୍ଲିକ ଦୀକ୍ଷା ପତ୍ର ବିଷୟରେ ଆଲୋଚନା କରିବା ସହ ସତସଙ୍ଗ ସମାପନ କରାଯାଇଥିଲା।

### ନିୟନ୍ତ୍ରଣ ବାହାରେ ଆମିଷ ଦର; ନବୀକରଣ ହେଉନି ବଟକରା

# ଠକାମିର ଶିକାର ହେଉଥିବା ନେଇ ଗ୍ରାହକଙ୍କ ଅଭିଯୋଗ



**ମାଲକାନଗିରି,୨୦।୩(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଆମିଷ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବେପାରୀମାନେ ମନ ଇଚ୍ଛା ମାଛ ଓ ମାଂସ ଦର ବୃଦ୍ଧିକରି ଖାଉଟିଙ୍କୁ ବିକ୍ରୀ କରୁଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବେପାରୀମାନେ ନିଜ ପାଖରେ ରଖିଥିବା ଓଜନ ସାମଗ୍ରୀକୁ ବର୍ଷ ବର୍ଷ ଧରି ନବୀକରଣ କରାଯାଉ ନଥିବାରୁ ଗ୍ରାହକଙ୍କୁ ପ୍ରକୃତ ପରିମାଣ ସାମଗ୍ରୀ ଦେବା ବଦଳରେ କମ ପରିମାଣ ଦେଇ ଠକାମୀ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ବାଲିମେଳା ଦୈନିକ ବଜାରରେ ଥିବା ଆମିଷ ଦୋକାନଗୁଡ଼ିକରେ ରୋହି, ଭାକୁର, ମିରିକାଳୀ, ଫଳି, କଣ୍ଟିଆ, ପବତା, ମାଗୁର ସହ ବିଭିନ୍ନ ପ୍ରକାର ଚୁନା ମାଛ, ମଧ୍ୟମ ଧରଣର ମାଛ, ବଡ଼ ଓ ଛୋଟ ଚିଙ୍ଗୁଡ଼ି ମାଛର ଦର ପୂର୍ବାପେକ୍ଷା ଦୁଇଗୁଣ ଦରରେ ବିକ୍ରୀ ହେଉଛି। ଛେଳି ମାଂସ ଓ କୁକୁଡ଼ା ମାଂସ ଦର ମଧ୍ୟ ବଢ଼ିଯାଇଛି। ପୂର୍ବରୁ ଚିତ୍ରକୋଣ୍ଡା ଡ୍ୟାମରୁ ଆସୁଥିବା ବଡ଼ ମାଛକୁ କାଟି କିଲୋପିଛା ୨୦୦ରୁ ୨୨୦ ଟଙ୍କାରେ ବିକ୍ରୀ ହେଉଥିବାବେଳେ ବର୍ତ୍ତମାନ ଏହା କିଲୋପିଛା ୩୦୦ ଟଙ୍କାରେ ବିକ୍ରୀ ହେଉଛି। ଡ୍ୟାମରୁ ଆସୁଥିବା ବାଉଁଶପତ୍ରୀ ମାଛ ବର୍ତ୍ତମାନ କିଲୋପିଛା ୪୦୦ରୁ ୫୦୦ ଟଙ୍କାରେ ବିକ୍ରୀ ହେଉଛି। ସେହିପରି ବ୍ରଏଲର କୁକୁଡ଼ା ମାଂସ କେଜି ୧୮୦ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୨୪୦ ଟଙ୍କା ହୋଇଛି। ଖାସି ମାଂସ ୭୦୦ ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ ବେପାରିମାନେ ଓଜନରେ ମଧ୍ୟ ଗ୍ରାହକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ବହୁ ମାଛ ବ୍ୟବସାୟୀଙ୍କ ଦୀର୍ଘବର୍ଷ ହେବ ଓଜନ ମାପକ ବଟକରାଗୁଡ଼ିକ ଆଦୌ ନବୀକରଣ ହୋଇ ନଥିବାରୁ ପ୍ରତିଦିନ ଗ୍ରାହକ ଠକାମୀର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ତାରଲାକୋଟା, ସୋର୍ଲକୋଣ୍ଡା, କାମ୍ବେଡ଼ା ଓ ଆଖପାଖ ଅଞ୍ଚଳର ହାଟ ବଜାରରେ ଏଭଳି ପୁରୁଣା ଓଜନ ମାପକ ବ୍ୟବହାର ହେଉଥିଲେ ମଧ୍ୟ ଏଥି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଗ୍ରାହକ ଅଭିଯୋଗ କରିଛନ୍ତି। କେବଳ ଆମିଷ ନୁହେଁ ପନିପରିବାରେ ମଧ୍ୟ ଲୋକଙ୍କୁ ଓଜନରେ ଠକେଇର ଶିକାର ହେବାକୁ ପଡୁଛି। ବାଲିମେଳା ଏନଏସି କର୍ତ୍ତୃପକ୍ଷ, ଓଜନ ମାପ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏସମ୍ପର୍କରେ ବାଲିମେଳା ଏନଏସିର ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କୁ ପଚାରିବାରୁ ନିର୍ବାଚନ ସରିବା ପରେ ଏନେଇ ତ୍ୱରିତ ପଦକ୍ଷେପ ନେଇ ଆମିଷ ଦର ଧାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ନୂତନ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



**ମାଲକାନଗିରି,୨୦।୩(ସମିସ):** ନୂତନ ଜିଲ୍ଲା ଶିକ୍ଷାଧିକାରୀ ଭାବେ ବିଶ୍ୱନାଥ ସାହୁ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ଶିକ୍ଷକ ସଂଘର ଉପସଭାପତି ରଞ୍ଜିତ ନାୟକଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଥମେ ଶିକ୍ଷା ଅଧିକାରୀ ଶ୍ରୀ ସାହୁଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲା। ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ସାହୁଙ୍କ ସହିତ ଆଲୋଚନା କରିଥିଲେ। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶ ପାଇଥିବା ପ୍ରମୋସନ ଦ୍ୱାରା ଶିକ୍ଷକଶିକ୍ଷୟିତ୍ରୀମାନେ ପାଇବାକୁ ଥିବା ଗ୍ରେଡ୍-ପେ, ଘର ଭଡ଼ା, ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ବର୍ଦ୍ଧିତ ଓ ସଠିକ ସମୟରେ ଦରମା, ଭାଷାଭିତ୍ତିକ ପରୀକ୍ଷା ନିମିତ୍ତ ରହି ଯାଇଥିବା ଇନ୍‌କ୍ରିମେଣ୍ଟ, ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଟେମ୍ପରାରି ଆଡଜର୍ଣ୍ଣମେଣ୍ଟକୁ ବାତିଲ କରିବା, ପ୍ରମୋସନ କାର୍ଯ୍ୟକୁ ତରାନ୍ୱିତ କରିବା ଭଳି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ସମୟରେ ଜିଲ୍ଲା ସଂଘ ସଭାପତି କେଶବ ବେହେରା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର, ବ୍ଲକ ସଂଘ ସଭାପତି ରାମ ପ୍ରସାଦ ପାଢ଼ୀ, ରଞ୍ଜନ ମଣ୍ଡଳ ଓ ପ୍ରଶାନ୍ତ ବେହେରା ପ୍ରମୁଖଙ୍କ ସହ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## 'ପୁଲିସ ଓ ଜନତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣ ନିଶ୍ଚିତ'



**ଜୟପୁର,୨୦।୩(ସମିସ):** କୋରାପୁଟ ଜିଲ୍ଲାର ଜୟପୁର ଏକ ବହୁ ପୁରୁଣା ସହର। ଏଭଳି ଏକ ପୁରୁଣା ସହରର ଜନସାଧାରଣଙ୍କ ସେବା କରିବାର ଦାୟିତ୍ୱ ମିଳିଥିବାରୁ ନିଜକୁ ଗର୍ବ ଅନୁଭବ କରୁଛି। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ(ଏସଡିପିଓ) ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅଙ୍କିତ କୁମାର ବର୍ମା ଏପରି କହିଛନ୍ତି। ଜୟପୁର ଏସଡିପିଓ ଭାବେ ନୂତନ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ବର୍ମା ବୁଧବାର ଜୟପୁର ସାମ୍ବାଦିକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଓ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏସଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ପୁଲିସ ଚବିଶ ଘଣ୍ଟା ସହରବାସୀଙ୍କ ସେବାରେ ରହିଛି। ସହରରେ ଏବେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ପୁଲିସ ଓ ସହରର ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତା ଓ ସମନ୍ୱୟ ରହିଲେ ନିଶ୍ଚିତ ଭାବେ ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି ଶ୍ରୀ ବର୍ମା କହିଛନ୍ତି। ଏଥିସହ ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ଗତ ଦୁଇ ତିନି ମାସ ପୂର୍ବରୁ ସହରରେ ଖୋଲାରେ ବୁଲୁଥିବା ଅପରାଧୀଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏବେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଷ୍ଟିକ୍ ସ୍କ୍ୱାଡ୍ ମାଧ୍ୟମରେ ଏନଫୋର୍ସମେଣ୍ଟକୁ ମଧ୍ୟ ଅଧିକ ଜୋରଦାର୍ କରାଯିବ। ସହରର ଟ୍ରାଫିକ ସମସ୍ୟାରେ ସୁଧାର ସହ ରୋଡ୍ ରୋମିଓ, ଅପରାଧୀଙ୍କୁ ସାବାଡ଼ କରିବାରୁ ସହରରେ ରାତ୍ରକାଳୀନ ପାଟ୍ରୋଲିଂକୁ ମଧ୍ୟ ଅଧିକ କଡ଼ାକଡ଼ି କରାଯିବ। ଏବେ ଅପରାଧିକ କାର୍ଯ୍ୟକଳାପ ଓ ଅମାନିଆ ବାଇକ୍ ଚାଳକଙ୍କୁ ସାବାଡ଼ କରିବାକୁ ସହରର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ସିସି କ୍ୟାମେରା ସଂଯୋଗ କରାଯାଇ ଇ-ଚାଲାଣ କଟାଯିବା ଆରମ୍ଭ ହୋଇଛି। ଏହି ଅତ୍ୟାଧୁନିକ ସିସି କ୍ୟାମେରା ସହରରେ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ଜୟପୁର ସହରର ଟ୍ରାଫିକ୍ ସମସ୍ୟାରେ ସୁଧାର ପାଇଁ ମଧ୍ୟ ବିଭିନ୍ନ ବିଭାଗ ସହ ଆଲୋଚନା ଚାଲିଛି। ଖୁବଶୀଘ୍ର ସହରର ଟ୍ରାଫିକ ସମସ୍ୟା ସୁଧାରିବା ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସଡିପିଓ ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ



**କଲ୍ୟାଣସିଂହପୁର,୨୦।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ବୁଧବାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି। ପ୍ରଥମେ କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟକୁ ଆସି ମିଶନ ଶକ୍ତି ଦ୍ୱାରା କାଳିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀଗୁଡ଼ିକ ବୁଲି ଦେଖିଥିଲେ। ଏହି ବିଷୟରେ ମହିଳାମାନଙ୍କ ସହିତ ଆଲୋଚନା କରିବା ପରେ ତାଙ୍କୁ କିଛି ଉପହାର ପ୍ରଦାନ କରିଥିଲେ। ଶିରିପୁର (ଏସଏସଡି) ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିରେ ଶିକ୍ଷା, '୫-ଟି' ବିଦ୍ୟାଳୟ, ହଷ୍ଟେଲ ଓ ବିଭିନ୍ନ ବିଷୟରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଧଳଙ୍କ ସହିତ ଆଲୋଚନା କରିଥିଲେ। ଶିକରପାଇରେ ଥିବା ମିଶନ ଶକ୍ତି ସହାୟତାରେ ହର୍ଷା ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଥିବା ସୌରଚାଳିତ ଶୀତଳ ଭଣ୍ଡାର ବୁଲି ଦେଖିବା ସହ ମହିଳାମାନଙ୍କ ଦ୍ୱାରା ଆଲୋଚନା କରିଥିଲେ। ଶିକରପାଇ ଉଚ୍ଚ ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡିଓ ମନୀଷା ଦାସ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରୀ ଓ ମିଶନ ପ୍ରିୟଦର୍ଶିନୀ ନେମୁନିୟା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଭି-୭୯ରେ ପଖାଳ ଦିବସ ପାଳିଲେ ସାମ୍ବାଦିକ ଓ ଯୁବଗୋଷ୍ଠୀ



**ଏମଭି-୭୯,(ସମିସ)୨୦।୩**

ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ପଖାଳକୁ ଲୋକପ୍ରିୟ କରିବା ତଥା ଗ୍ରୀଷ୍ମକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱବ୍ୟାପୀ ପଖାଳ ଦିବସ ଭାବେ ପାଳନ କରାଯାଉଥିବା ବେଳେ ପ୍ରଥମେ ୨୦୧୧ ମସିହା ମାର୍ଚ୍ଚ ୨୦ ତାରିଖକୁ 'ପାଖଳ ଦିବସ' ଭାବେ ପାଳନ କରାଯାଇଥିଲା। ସେଥିପାଇଁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଲକାନଗିରି ଜିଲ୍ଲାର ଏମଭି-୭୯ର ଯୁବଗୋଷ୍ଠୀ ଓ ସାମ୍ବାଦିକମାନେ ମିଶି ପାଳିଛନ୍ତି ପଖାଳ ଦିବସ। ମାଲକାନଗିରି ଜିଲ୍ଲାରେ ବହୁ ଭାଷାଭାଷୀ ଲୋକ ବାସ କରୁଥିଲେ ମଧ୍ୟ ବୁଧବାର ସମସ୍ତେ ଏକତ୍ରିତ ହୋଇ ଓଡ଼ିଶାର ତଥା ଓଡ଼ିଆମାନଙ୍କ ମୁଖ୍ୟ ଖାଦ୍ୟ ପଖାଳକୁ ବିଶ୍ୱ ପଖାଳ ଦିବସ ରୂପେ ପାଳିଥିବା ଦେଖିବାକୁ ମିଳିଛି। ପଖାଳ ଓଡ଼ିଆଙ୍କ ସବୁଦିନିଆ ଖାଦ୍ୟ ହୋଇଥିଲେ ବି ଖରାଦିନ ଆସିଲେ ଏହାକୁ ଅଧିକାଂଶ ଲୋକେ ଗ୍ରହଣ କରନ୍ତି। ମଧ୍ୟାହ୍ନ ଭୋଜନରେ ଧନୀରୁ ଗରିବ ସମସ୍ତେ ଖୋଜନ୍ତି ପଖାଳ କଂସା। ଅତ୍ୟାଧୁନିକ ଜୀବନଶୈଳୀରେ ଅନେକ ପରମ୍ପରା ବଳି ପଡ଼ିଥିଲେ ବି ପଖାଳ ତା'ର ମହକ ହରାଇ ନାହିଁ। ଯୁବ ଗୋଷ୍ଠୀଙ୍କ କହିବା ଅନୁସାରେ ପଖାଳ ଏକ ଏପରି ଖାଦ୍ୟ, ଯାହା ଆମକୁ ଗ୍ରୀଷ୍ମ ପ୍ରବାହରେ ଏକ ଅଦ୍ଭୁତ ଶାନ୍ତି ଦେଇଥାଏ, ଏହା ସହ ସେମାନେ ପଖାଳକୁ ଅନେକ ସମୟରେ ଗ୍ରହଣ କରନ୍ତି। ତେଣୁ ପ୍ରତି ବର୍ଷ ପଖାଳ ଦିବସ ପାଳିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। କିଛି ଲୋକେ ପଖାଳକୁ ପାସୋରି ଯାଉଥିବା ବେଳେ ମାଲକାନଗିରି ଜିଲ୍ଲାରେ ଅସହ୍ୟ ଖରା ଓ ଅଂଶୁଘାତ ଜନିତ ସମସ୍ୟାରୁ ନିଜକୁ ସୁରକ୍ଷିତ କରିବା ପାଇଁ ସମସ୍ତେ ପୁଣି ପଖାଳ ମୁହାଁ କରିଛି। ଆଜିର ଏହି ପଖାଳ ଦିବସକୁ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡା, ଆଶିଷ କୁମାର ବାଇନ, ସଞ୍ଜୀବ ହାଲଦାର, ମାନସ ରଞ୍ଜନ ଜେନା, ଅମିତ କୁମାର ମଣ୍ଡଳ, ପ୍ରଭାତ ସାହା, ସୂରଜ ମଣ୍ଡଳ, ବିକି ବାରିକ, ଚିରଞ୍ଜିତ ବାଳା, ରାକେଶ ମଣ୍ଡଳ ଆଲୋକ ଓ ପ୍ରଭାତ ସାହା ପ୍ରମୁଖ ମିଳିତ ରୂପେ ଆୟୋଜିତ କରିଥିଲେ।

## ମଦ ଜବତ; ଦୁଇ ଗିରଫ

**ମାଲକାନଗିରି,୨୦।୩(ସମିସ):** ମାଲକାନଗିରି ଥାନା ପୁଲିସ ପାଟ୍ରୋଲିଂ ବେଳେ ୧୪୦ ଲିଟର ବିଦେଶୀ ମଦ ଜବତ ସହ ଦୁଇଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ମାଲକାନଗିରି ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଆଇଆଇସି ରିଗନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ଦିବ୍ୟଚନ୍ଦ୍ର କୂଳଦୀପଙ୍କ ନେତୃତ୍ୱରେ ପୁଲିସ ଟିମ ମାଲକାନଗିରି ବାଲିମେଳା ମୁଖ୍ୟରାସ୍ତା ଏୟାରପୋର୍ଟ ନିକଟ ଛକରେ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ସେହି ରାସ୍ତା ଦେଇ ଦୁଇଜଣ ଯୁବକ ଦ୍ରୁତଗତିରେ ଗାଡ଼ି ଚଳାଇ ପଳାଉଥିବାର ଦେଖି ସେମାନଙ୍କୁ ଗୋଡ଼ାଇ ଧରିଥିଲେ। ସେମାନଙ୍କ ନିକଟରୁ ୧୧ଟି ପେଟିରେ ଥିବା ହ୍ୱିସ୍କି, ବିୟର ବିଭିନ୍ନ ପ୍ରକାର ୧୪୦ ଲିଟର ୬୪୦ ମିଲିଗ୍ରାମ ବିଦେଶୀ ମଦ ଜବତ କରିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ବିହାର ୱାରଙ୍ଗବାଦର ରଞ୍ଜନ କୁମାର ଓ ଗୁଡ୍ଡୁକୁମାର ସେ ଦୁହେଁ ମାଲକାନଗିରି ଥାନା ଏମଭି-୨ ଗ୍ରାମରେ ରହି ଚୋରା ମଦ କାରବାର କରୁଥିଲେ। ଦୁଇଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ● ଜିଲ୍ଲାସ୍ତରୀୟ ବିଶ୍ୱ ମୁଖଗହ୍ୱର ଦିବସ ପାଳିତ

## 'ଗୋଟିଏ ହସ ମୁଖ, ଗୋଟିଏ ଖୁସି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ'




**ମାଲକାନଗିରି,୨୦।୩(ସମିସ):** ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ଘଡ଼େଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ମୁଖଗହ୍ୱର ଦିବସ-୨୦୨୪ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଏହି ଦିନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ସଭାକୁ ଦନ୍ତ ଚିକିତ୍ସକ ଡା. ଲୋଲୁପ ଶତପଥୀ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ଦୁଇଥର ଦାନ୍ତ ଘଷନ୍ତୁ ଓ ପ୍ରତିଥର ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ ବୋଲି ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଜିଲ୍ଲା ରେଡକ୍ରସ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଖାଦ୍ୟ ଖାଇବା ପରେ ଭଲଭାବେ ୪/୫ଥର କୁଳି କରନ୍ତୁ ଏବଂ ତମାଖୁ ବର୍ଜନ ପାଇଁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ସ୍ଲୋଗାନ ଥିଲା 'ଗୋଟିଏ ହସ ମୁଖ, ଗୋଟିଏ ଖୁସି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ'। ଏହି ଅବସରରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଶୁଭସ୍ମିତା ମହାନ୍ତି ପ୍ରଥମ, ଶୁଭସ୍ମିତା ପ୍ରଧାନ ଦ୍ୱିତୀୟ ଓ ଦିଲ୍ଲୀପ କୁମାର ତୃତୀୟ ସ୍ଥାନ ହାସଲ କରିଥିଲେ। ଅଧ୍ୟାପିକା ଋତୁଶ୍ରୀ ଭତ୍ରା ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିବ ଶଙ୍କର ପାଣିଗ୍ରାହୀ (ସହକାରୀ ପରିଚାଳକ, ଜିଲ୍ଲା ଭୂତାଣୁଜନିତ ରୋଗ ବିଭାଗ) ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ।

### ବଢ଼ିଲା ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ପାରିତୋଷିକ ଓ ବୈଠକ ଭତ୍ତା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜନପ୍ରତିନିଧି

**ଉମରକୋଟ,୨୦।୩(ସମିସ)**



ରାଜ୍ୟର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି। ଏଥିପାଇଁ ଉମରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶୀଳା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ବଳିଷ୍ଠ ପଦକ୍ଷେପ ନିମନ୍ତେ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ପଞ୍ଚାୟତିରାଜ ପ୍ରତିନିଧିମାନେ ତାଙ୍କୁ ଭେଟି ଏହି ପାରିତୋଷିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷମାନେ ୯୩୮୦ ଟଙ୍କା ପରିବର୍ତ୍ତେ ୩୦ ହଜାର ଟଙ୍କା ମାସିକ ପାରିତୋଷିକ ପାଇବେ। ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷମାନଙ୍କ ପାରିତୋଷିକ ୭୦୪୦ ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କ ଭତ୍ତା ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩୫୩୦ ଟଙ୍କା ପାଉଥିବାବେଳେ ଏବେ ୧୦ ହଜାର ଟଙ୍କା ମାସିକ ପାରିତୋଷିକ ପାଇବେ ଏବଂ ସେମାନଙ୍କ ଦୈନିକ ଭତ୍ତା ମଧ୍ୟ ୩୦୦ରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ୩୫୩୦ ଟଙ୍କା ପାଉଥିଲେ। ଏବେ ୧୫ ହଜାର ଟଙ୍କା ପାଇବ। ପଞ୍ଚାୟତ ସମିତି ଉପାଧ୍ୟକ୍ଷମାନେ ପୂର୍ବରୁ ପାରିତୋଷିକ ୨୩୫୦ ଟଙ୍କା ପାଉଥିବାବେଳେ ଏବେ ୭୫୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ସଦସ୍ୟମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିବାବେଳେ ଏବେ ୭,୫୦୦ ଟଙ୍କା ପାଇବେ। ସେହିଭଳି ସରପଞ୍ଚମାନେ ପୂର୍ବରୁ ୨୩୫୦ ଟଙ୍କା ପାଉଥିବାବେଳେ ଏବେ ୧୦ ହଜାର ଟଙ୍କା ପାଇବେ। ନାଏବ ସରପଞ୍ଚମାନେ ପୂର୍ବରୁ ୯୪୦ ଟଙ୍କା ପାଉଥିବାବେଳେ ଏବେ ୪୦୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତିସଭ୍ୟ, ସରପଞ୍ଚ, ନାଏବ ସରପଞ୍ଚ ଏବଂ ୱାର୍ଡମେମ୍ବରମାନଙ୍କର ଦୈନିକ ଭତ୍ତା ୨୪୦ ଟଙ୍କାରୁ ୪୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦରେ ଥିବା ସମୟରେ ବିୟୋଗ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିବ। ଏହା ସହିତ ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା ଦିଆଯିବ। ସେହିପରି ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

